୬ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ହରାଇ ଭାଙ୍ଗିଲା ୩୦ ବର୍ଷର ରେକର୍ଡ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୫୨ ● ୧୦ ଅକ୍ଟୋବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-252 ● 10th October 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

# ଗଣମାଧ୍ୟମରେ ମନଇଚ୍ଛା ବିଜ୍ଞାପନ ଛାପି ପାରିବେନି ଦଳ ଓ ପ୍ରାର୍ଥୀ

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଗୁରୁବାର ଦିନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ



କରାଯାଇଛି । ଏଣୁ ନିର୍ବାଚନକୁ ସଫଳ କରିବା ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପରାମର୍ଶ *(ପୃଷ୍ଠା ୭ରେ)*

# ୧୧ରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ ମୋଦୀ

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ବୈଠକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୧ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଯୋଜନା ପରିପ୍ରେକ୍ଷୀରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ କରାଯାଇଥିଲା । ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନଙ୍କ ସୂଚନା ଅନୁଯାୟୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ । ସେହିପରି, ଭୁବନେଶ୍ୱରରେ ଷ୍ଟେଟ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ । ଏହି ଅବସରରେ ଚାଷୀଙ୍କ ସହ ବାର୍ତ୍ତାଳାପ ମଧ୍ୟ କରିବେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା *(ପୃଷ୍ଠା ୭ରେ)*

## ହାଇକୋର୍ଟରେ ପୋଲିସ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲା

କଟକ, ୯।୧୦ : ନ୍ୟୁଜ୍ ବ୍ୟୁରୋ

ହାଇକୋର୍ଟରେ ପହଞ୍ଚିଛି ପୋଲିସ ଏସଆଇ ନିଯୁକ୍ତି ଦୁର୍ନୀତି ମାମଲା। ଏହି ମାମଲାରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି। *(ପୃଷ୍ଠା ୭ରେ)*

# କଟକରେ ଜନଜୀବନ ସ୍ୱାଭାବିକ, ସ୍ଥିତି ନିୟନ୍ତ୍ରଣାଧୀନ : ପୋଲିସ୍ କମିଶନର

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଐତିହାସିକ କଟକ ସହରରେ ଗତ କିଛିଦିନ ପୂର୍ବରୁ ଘଟିଥିବା ହିଂସା ଘଟଣା ନେଇ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କୁ କମିଶନରେଟ୍ ପୁଲିସ ଚେତାବନୀ ଦେଇଛି। ଆପତ୍ତିଜନକ ନକରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

ପୁଲିସ କମିଶନର କହିଛନ୍ତି, କଟକ ହିଂସା ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଯାଇଛି। ପ୍ରଥମ ଦିନରେ ୬ ଜଣ ଏବଂ ଗୁରୁବାର ଆଉ ୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଆପତ୍ତିଜନକ ପୋଷ୍ଟ ପାଇଁ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ରାଲି ପାଇଁ ଅନୁମତି ନଦେବାରୁ ହିଂସା ଘଟାଇଥିବା ୨୦ ଜଣଙ୍କୁ *(ପୃଷ୍ଠା ୭ରେ)*

# ୧୯ ଓପିଏସ୍ ଅଧିକାରୀଙ୍କ ବଦଳି : ଆଲୋକ ଜେନା ବ୍ରହ୍ମପୁର ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର, ୯।୧୦

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାର ଗୁରୁବାର ୧୯ ଜଣ ଓଡ଼ିଶା ପୁଲିସ ସେବା (ବରିଷ୍ଠ ଶାଖା) ଓପିଏସ୍ (ଏସ୍‌ବି) ଅଧିକାରୀଙ୍କୁ ବଦଳି କରିଛନ୍ତି। ତଦନୁସାରେ, ବଲାଙ୍ଗୀରର ଅତିରିକ୍ତ ଏସ୍‌ପି ଭାବରେ ନିଯୁକ୍ତି ପାଇଥିବା ଆଲୋକ କୁମାର ଜେନାଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଭାବରେ ବଦଳି କରାଯାଇଛି।

ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି।

ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରର ବର୍ତ୍ତମାନର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁଙ୍କୁ ତାଳଚେରକୁ ଅତିରିକ୍ତ ଏସ୍‌ପି ଭାବରେ ବଦଳି କରାଯାଇଥିଲା। ସେହିପରି ଆଇୟୁସିଏଡବ୍ଲ୍ୟୁ ବରଗଡ଼ର ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟାଙ୍କୁ ଢେଙ୍କାନାଳର ଆଇୟୁସିଏଡବ୍ଲ୍ୟୁ ଅତିରିକ୍ତ ଏସ୍‌ପି ଭାବରେ ବଦଳି କରାଯାଇଛି।

ଏହା ବ୍ୟତୀତ ବାଲେଶ୍ୱରର ଡିଆଇବିର ଅତିରିକ୍ତ ଏସ୍‌ପି *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY

KIIT Deemed to be University (Declared U/S 3 of UGC Act, 1956), Bhubaneswar, Odisha, India

KIIT is only 28 years old as an institute (1997 – 2025) and 22 years old as a university.

Organisation in Special Consultative Status with the United Nations Economic & Social Council (UN-ECOSOC)

THE World University Rankings 2026

KIIT placed globally in the Top 501 Cohort

Ranked 259th Globally in Academic Excellence

5th Best in India

KIIT's Rank Over the Years




Top Performer in India in Three Parameters

Industry Integration

International Outlook

Social Commitment — Strong alignment with SDG goals 4, 10 & 16

Times Higher Education Summary Statement

"KIIT's performance in THE (Times Higher Education) World University Rankings 2026 reflects a decade of transformation from Local Excellence to Global Excellence. The institution has demonstrated that a socially inclusive university from Odisha can compete with the world's finest through innovation, compassion, and quality education."

"ପ୍ରତି ରାଜ୍ୟ ଚାହାନ୍ତି ସେହି ରାଜ୍ୟର ଏକ ଶିକ୍ଷାନୁଷ୍ଠାନ ବିଶ୍ୱର ୫୦୦ ର୍ୟାଙ୍କ ମଧ୍ୟରେ ଆସୁ। ମୁଁ ଅତ୍ୟନ୍ତ ଖୁସି ଯେ, ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଯୋଗୁଁ କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇ ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହି ସଫଳତା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ।"

ଅଚ୍ୟୁତ ସାମନ୍ତ
ପ୍ରତିଷ୍ଠାତା, କିଟ୍, କିସ୍ ଓ କିମ୍ସ

OTHER RANKINGS

17th Among Indian Universities Ranked by NIRF, Govt. of India 2025

A++ Grade Accrediated by NAAC

Tier 1 Re-accredited by NBA All Engineering Programs for 6 Years

5th in India, 101-200 global rank, Times Higher Education Impact Rankings 2025; SDGs Ranking in India: 1st, 1st, 3rd

1st in Odisha, 9th in India, Among private universities — QS World University Rankings

8th Best in India Among Govt. & Pvt. Institutions — THE World University Rankings 2025 Asia

ABET (US) Accreditation; IET The Institution of Engineering and Technology

Special Consultative Status by the UN-ECOSOC; Partnership with UN Volunteers

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅକ୍ଟୋବର, ଶୁକ୍ରବାର ୨୦୨୫





# ଧାମନଗର ଅଞ୍ଚଳରେ ଜବର ଦଖଲ ଯୋଗୁଁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ଅଞ୍ଚଳରେ ଏବେ ଦିନକୁ ଦିନ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ତେବେ ରାସ୍ତାର ଦୁଇ ପାଖରେ ଦୋକାନୀମାନେ ଜବର ଦଖଲ କରି ରଖୁଥିବାରୁ ଏହି ସମସ୍ୟା ଦେଖିବାକୁ ମିଳିଛି ଫଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡୁଛି। ଗୋଟିଏ ପଟେ ଜନ ସଂଖ୍ୟା ବୃଦ୍ଧି ଏବଂ ଗାଡ଼ିମୋଟରକୁ ନେଇ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ପଡୁଥିବା ବେଳେ ଟ୍ରାଫିକ ବ୍ୟବସ୍ଥା ସହରବାସୀଙ୍କ ଚିନ୍ତା ବଢ଼ାଇଛି। ସବୁଠାରୁ ବଡ଼ କଥା ହେଲା ଧାମନଗର ବଜାର ର ଖାନକା ସରିଫି ବଜାର ଠାରୁ ଦକ୍ଷିଣବାଡ଼ ହନୁମାନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ କେତେକ ସ୍ଥାନରେ ବେଆଇନ ଭାବରେ ଦୋକାନ କରିବା ସହ ଦୋକାନ ଆଗକ ପାର୍କିଂ କରୁଥିବାରୁ ଯାତାୟାତରେ ବ୍ୟାଘାତ ହେଉଛି। ପର୍ବପର୍ବାଣୀରେ ଏପରି ଭିଡ଼ ହେଉଛି ଯେ ଅଗ୍ନିଶମ ଗାଡି ଛିଡ଼ା ହୋଇ ରହୁଛି ଓ ଆମ୍ବୁଲାନ୍ସ ଗାଡ଼ି ଦୀର୍ଘ ସମୟ ଛିଡ଼ା ହୋଇରହୁଛି। ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ସହିତ ହଜାର ହଜାର ଲୋକ ଯାତାୟାତ କରନ୍ତି ମାତ୍ର ଟ୍ରାଫିକ୍ ଜାମ ଯୋଗୁଁ ଘଣ୍ଟା ଘଣ୍ଟା ଠିଆ ହେବାକୁ ପଡୁଛି। ବିଶେଷ କରି ଧାମନଗର ଥାନା ପାଚେରୀ ନିକଟରେ ସନ୍ଧ୍ୟା ବେଳେ ଉଠା ଦୋକାନୀମାନେ ଫାଷ୍ଟଫୁଡ୍ ବ୍ୟବସାୟ କରୁଥିବାରୁ ଗ୍ରାହକ ପ୍ରବଳ ଭିଡ଼ ରହୁଥିବାରୁ ଗାଡ଼ି ବସ୍, ଟ୍ରକ୍ ଇତ୍ୟାଦି ଭିଡ଼ ରହୁଛି। ଖୋଦ୍ ଥାନାପାଖରେ ଏପରି ଭିଡ଼ ସହ ପାଚେରୀ ପାଖରେ ବେଆଇନ ଉଠା ଦୋକାନୀଙ୍କୁ ପୋଲିସ ଦେଖି ବି ନ ଦେଖିଲା ପରି ଅଭିନୟ କରୁଛି। ସୂଚନା ଥାଉକି ଉକ୍ତ ଥାନା ପାଚେରୀ ପାଖରେ ଦୈନିକ ସକାଳେ ମାତ୍ର ତିନି ଘଣ୍ଟା ଉଠା ପରିବା ଦୋକାନୀମାନେ ବେପାର କରୁଥିବା ବେଳେ ରାସ୍ତା ଜାମ୍ ପାଇଁ ସେମାନଙ୍କୁ ଉଠାଇଦେଲେ। ବାର ଦ୍ୱାର ଶୁଣ୍ଡି ପିଣ୍ଡା ହୋଇ ବେପାର କରୁଛନ୍ତି। ମାତ୍ର ପରିବା ବେପାରୀଙ୍କୁ ଉଠାଇ ସେଠାରେ ଫାଷ୍ଟଫୁଡ୍ ଦୋକାନୀଙ୍କୁ ପ୍ରଶୟ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ନୂଆ କରି ଯୋଗ ଦେଇଥିବା ଥାନାଅଧିକାରୀଙ୍କୁ ଦୃଷ୍ଟି ଦେବାକୁ ଦାବି ହୋଇଛି। ଯଦି ଜବର ଦଖଲ ହଟିବା ସହ ବିଭିନ୍ନ ଛକରେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରାଯାଇ ପାରନ୍ତା ଭିଡ଼ ନିୟନ୍ତ୍ରଣ ହୋଇପାରନ୍ତା। ଅପର ପକ୍ଷରେ କେତେକ ବଡ଼ବଡ଼ ଦୋକାନୀମାନେ ସେମାନଙ୍କ ଦୋକାନ ଆଗରେ ଘଣ୍ଟାଘଣ୍ଟା ଧରି ବଡ଼ବଡ଼ ଟ୍ରକ୍ ଠିଆ କରି ମାଲ୍ ଅନ୍‌ଲୋଡ୍ କରୁଥିବାରୁ ଆହୁରି ମଧ ଟ୍ରାଫିକ ଜାମ ହେଉଛି। ଏ ଦିଗରେ ଧାମନଗର ପୋଲିସ ଟ୍ରାଫିକ ସମସ୍ୟା ଦୂର ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଗତସିଂହପୁର ଐତିହ୍ୟ ପଦଯାତ୍ରା : ସିଦ୍ଧ ବାରଙ୍ଗ ଗୋସାଇଁ ପୀଠ ଓ ବଡ଼ବାଗର ବୁଣାକାର ଗ୍ରାମ ପରିଦର୍ଶନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ଆଠୋଟି ସଂସ୍କରଣ ଭଳି 'ଜଗତସିଂହ ପୁର ଐତିହ୍ୟ ପଦଯାତ୍ରା'ର ନବମ ସଂସ୍କରଣ ମଧ ଖୁବ୍ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବରେ ସମ୍ପନ୍ନ ହୋଇଅଛି। ଐତିହ୍ୟାନୁଗ୍ରାହିମାନେ ଜାତୀୟ କବି ବୀରକିଶୋରଙ୍କ ଜନ୍ମସ୍ଥାନ ପୁନଙ୍ଗ ଗ୍ରାମରେ ଥିବା ସିଦ୍ଧ ବାରଙ୍ଗ ଗୋସାଇଁ ପୀଠ ଓ ବଡ଼ବାଗର ବୁଣାକାର ଗ୍ରାମ ପରିଦର୍ଶନ କରିଥିଲେ। ପ୍ରଥମେ ସମସ୍ତ ଐତିହ୍ୟାନୁଗ୍ରାହିମାନେ ଚାରିପୋଲିଆ ଛକ ନିକଟ 'ବୀରକିଶୋର ମେମୋରିଆଲ ପାର୍କ' ଠାରେ ଏକାଠି ହୋଇ, ଏକ ସଫେଇ କାର୍ଯ୍ୟକ୍ରମ ସମ୍ପନ୍ନ କରିବା ସହିତ ଜାତୀୟ କବି ବୀରକିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ସମସ୍ତ ଐତିହ୍ୟାନୁରାଗୀ ବନ୍ଧୁମାନେ ବଡ଼ବାଗ ଠାରେ ଥିବା ବୁଣାକାର ଗ୍ରାମକୁ ପରିଦର୍ଶନରେ ଯାଇଥିଲେ ଓ ସେଠାରେ ପାରମ୍ପରିକ ଭାବରେ ବୁଣା ଯାଉଥିବା ହସ୍ତତନ୍ତ ଶାଢୀ,ଗାମୁଛା, ଧୋତି, ଲୁଙ୍ଗି ଆଦିକୁ ଦେଖିବା ସହିତ ଏହି ପାରମ୍ପରିକ କୌଶଳକୁ




ଆଜିବି ଉଜ୍ଜୀବିତ କରି ରଖିଥିବା ବୁଣାକାର କାରିଗର ମାନଙ୍କୁ ଭେଟିଥିଲେ। ବୟୋଜ୍ୟେଷ୍ଠ ବୁଣାକାର ନାରାୟଣ ବେହେରା ଓ ବୁଣାକାର ସମିତିର ସମ୍ପାଦକ ବିଜୟ କୁମାର ଦାସ ଐତିହ୍ୟାନୁଗ୍ରାହିମାନଙ୍କୁ ବୁଣାକାରଙ୍କ ପାରମ୍ପରିକ କାର୍ଯ୍ୟ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ ଏବଂ ବୁଣା କାର୍ଯ୍ୟ ବୁଲି ଦେଖାଇଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ କହିବାନୁଯାୟୀ, 'ଆମର କୌଳିକ ବୃତ୍ତି ଓ ମୌଳିକ ଅଧିକାର'କୁ ଗୁରୁତ୍ୱ ଦିଆଯାଇପାରିଲେ ଏହି ବୁଣାକାରଙ୍କ ଜୀବନ ଓ ଜୀବୀକା ସୁରକ୍ଷିତ ହୋଇ ରହିପାରନ୍ତା। ଏହାପରେ ସମସ୍ତ ଐତିହ୍ୟାନୁରାଗୀ ବନ୍ଧୁ ପୁନଙ୍ଗସ୍ଥିତ ଜଗନ୍ନାଥ ମନ୍ଦିର ଓ ସିଦ୍ଧ ବାରଙ୍ଗ ଗୋସାଇଁଙ୍କ ଆଶ୍ରମ ପରିଦର୍ଶନ ସହ ବାରଙ୍ଗ ଗୋସାଇଁଙ୍କ ଚମତ୍କାରିତା ବିଷୟରେ ଆଲୋଚନା କରିଥିଲେ। ମାର୍ଗଶିର ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ସିଦ୍ଧ ବାରଙ୍ଗ ପୀଠ ଶ୍ରୀକ୍ଷେତ୍ର ପାଲଟି ଯାଏ। କୁହାଯାଏ ସ୍ୱୟଂ ଜଗନ୍ନାଥ ଏଠାକୁ ଗୋଟିଏ ଦିନ ପାଇଁ ଆସନ୍ତି ଏବଂ ଏଠାକାର ପ୍ରସାଦ ମହାପ୍ରସାଦରେ ପରିଣତ ହୋଇଥାଏ। ଏହି ମନ୍ଦିରର ବିଶେଷତ୍ୱ ହେଲା ଏଠାରେ କାଷ୍ଠ କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ। ମନ୍ଦିର ପରିସର ବୁଲିବା ପରେ ଐତିହ୍ୟାନୁରାଗୀ ସମସ୍ତ ବନ୍ଧୁଗଣ ଏକତ୍ର ହୋଇ ପ୍ରସାଦ ସେବନ କରିଥିଲେ। 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱ ରଞ୍ଜନ ଦେହୁରୀ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ତଥା ଐତିହ୍ୟାନୁରାଗୀ ତ୍ରିଲୋଚନ ସ୍ୱାଇଁ, ସସ୍ମିତ ସିଂହ, ଦେବାଶିଷ ପାତ୍ର, ହୃଦାନନ୍ଦ ବେହେରା, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା ଆଦି କାର୍ଯ୍ୟକର୍ତ୍ତାମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ପାଟଣାରେ କାଠ ଡିପୋ ପାଇଁ ଦାବି

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ ପାଟଣା ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପାଟଣା ନିକଟରେ ପ୍ରବାହିତ ହେଉଛି ପୁଣ୍ୟତୋୟା ବୈତରଣୀ ନଦୀ।ଏଠାରେ ଥିବା ପବିତ୍ର ବୈତରଣୀ ତୀର୍ଥ ଏ ଅଞ୍ଚଳ ପାଇଁ ଅନେକ ସୁନାମ ରହିଛି। ଏହାର ତଟରେ ଦୁଇଟି ପ୍ରସିଦ୍ଧ ମନ୍ଦିର ରହିଛି। ତେଣୁ ଏ ଅଞ୍ଚଳକୁ ଅନେକ ପବିତ୍ର ସ୍ଥାନ ମନେକରି ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରିକି ପଡ଼ୋଶୀ ରାଜ୍ୟରୁ ମଧ ପବିତ୍ର ବୁଡ଼ ପକାଇବା ପାଇଁ ଆସିଥାନ୍ତି। ଏହାଛଡ଼ା ଏଠାରେ ଥିବା ଶ୍ମଶାନ ଘାଟରେ ଶେଷ କୃତ୍ୟ କଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିଦିନ ଏଠାକୁ ଜିଲ୍ଲା ଓ ଜିଲ୍ଲା ବାହାରୁରୁ ମର ଶରୀର ନେଇ ଅନ୍ତିମ ସଂସ୍କାର କରିବା ପାଇଁ ଅନେକ ପରିବାର ଆସିଥାନ୍ତି। କିନ୍ତୁ ଦୁଃଖର କଥା ଅନ୍ତିମ ସଂସ୍କ ସଂସ୍କାର ପାଇଁ ଆବଶ୍ୟକ ହେଉଥିବା କାଠ ଏଠାରେ ମିଳି ପାରେ ନାହିଁ। ଏଠାରେ କାଠ ଡିପୋ ନଥିବାରୁ ଶବ ସଂସ୍କାର ପାଇଁ ଆସିଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସମସ୍ୟା ଅନେକ ଥର ବନ ବିଭାଗଙ୍କୁ ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦିନକୁ ଦିନ ଶବ ସଂସ୍କାର ପାଇଁ ଏଠାରେ ଭିଡ଼ ହେଉଥିବା ବେଳେ ଏଠାରେ ଏକ କାଠ ଡିପୋ ର ଅତ୍ୟନ୍ତ। ଜରୁରୀ ହୋଇପଡ଼ିଛି। ଏଥିପ୍ରତି ଗୁରୁତ୍ୱ ଦେଇ ପାଟଣା ମୁଖ୍ୟାଳୟରେ ଏକ କାଠ ଡିପୋ ତୁରନ୍ତ କରିବା ପାଇଁ ପାଟଣା ବ୍ଲକ ପୂର୍ବତନ ବ୍ଲକ୍ ଅଧକ୍ଷ ତଥା ସାମାଜିକ କର୍ମୀ ଇଂ ବିଦ୍ୟାଧର ଦାଶ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟ ରଞ୍ଜନ ପତି, ଅଜୟ କୁମାର ଦାଶ, ଯୁଗଳ କିଶୋର ଦାଶ, ବୀରେନ୍ଦ୍ର ଦାଶ, ପ୍ରମୁଖ ସହିତ ପାଟଣା ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଚୁଡ଼ାଖାଇ ଜଙ୍ଗଲର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଜାରି

**ସୋନପୁର, ନ୍ୟୁଜ୍‌ବ୍ୟୁରୋ**

ଚୁଡ଼ାଖାଇ ଡଙ୍ଗର ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ତୁଲୁଣ୍ଡା ଗ୍ରାମର ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ଚୁଡ଼ାଖାଇ ପାହାଡ଼ ପାଦ ଦେଶରେ ମହାସମାରୋହରେ ଚୁଡ଼ାଖାଇ ଡଙ୍ଗର ଲୋକ ମହୋତ୍ସବ ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ସମ୍ମାନିତ ଅତିଥି ସାନନ୍ଦ ମେହେର ଓ ବିମଳ ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର ମାଝୀ, ଅଶ୍ୱିନୀ ମେହେର ଆବାହକ ତଥା ବ୍ଲକ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡେକ ଓ ସଭାପତି ଉମା ସାହୁ ପ୍ରମୁଖ ଯୋଗ ଦେଇ ଦେବାଦେବୀଙ୍କୁ ପୂଜା କରି ପ୍ରାର୍ଥନା କରିଥିଲେ। ଅତିଥି କଳାକାର ଶତ୍ରୁଘ୍ନ ଲୁହା ଏବଂ ନବୀନ କୁଅଁର ସମ୍ବର୍ଦ୍ଧିତ ହୋଇଥିଲେ। ଅତିଥିଙ୍କ ବକ୍ତବ୍ୟରେ ଚୁଡ଼ାଖାଇ ଡଙ୍ଗରର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରାଯିବ ଏହାର ଉନ୍ନତି ହେଲେ ଏକ ସର୍ବପୁରାତନ ପରମ୍ପରାର ପୁନରୁଦ୍ଧାର ହୋଇପାରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ସଂଜ୍ୟୋତ କଳା କେନ୍ଦ୍ରର ନିର୍ଦ୍ଦେଶିକା ସଂଗୀତା ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଛିଲୋଲାଇ ଓ ଝୁମେର ଲୋକ ନୃତ୍ୟ ଦର୍ଶକଙ୍କ ମନକୁ ବେଶ୍ ଆକର୍ଷିତ କରିଥିଲା। ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନେକ ସାଂସ୍କୃତିକ ଦଳ ପରିବେଷଣ କରିଥିଲେ। ରବୀନ୍ଦ୍ର ସାହୁ ଓ ସାଥୀ କଂସ ଦରବାର ମଞ୍ଚସ୍ଥ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଏହି ଆଧାତ୍ମିକ ଧାର୍ମିକ ଚୁଡ଼ାଖାଇ ଯାତ୍ରାରେ ଯୋଗ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଡ. ପ୍ରଭାବତୀ ଦେବୀଙ୍କ ଜନ୍ମଜୟନ୍ତୀ ପାଳିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ଛଚାନପାଲି ସ୍ଥିତ ରୁକ୍ମିଣୀ ଲାଠ ବାଳନିକେତନ ପରିସରର ଆଜି ଏକ ଆଧାତ୍ମିକ ଓ ପ୍ରେରଣା ଦାୟକ ପରିବେଶ ସୃଷ୍ଟି ହୋଇଥିଲା। 'ସମର୍ପଣ' ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ବିଶିଷ୍ଟ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ଡ. ପ୍ରଭାବତୀ ଦେବୀଙ୍କ ୧୧୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ପରେପରେ ଆଶ୍ରମ ପରିସରରେ ଅତିଥିଗଣ ଓ ଅନ୍ତେବାସୀଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ଉପ-ଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳୀ ପଣ୍ଡା, ଧମା ରେଞ୍ଜର ପ୍ରଶାନ୍ତ ସାହୁ, ବରିଷ୍ଠ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ସଦସ୍ୟ ଯଦୁମଣି କୁମ୍ଭାର, ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା, ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ପ୍ରତାପ ରଞ୍ଜନ ସାହୁ, ମନୋରମା ସାହୁ, ଚିତ୍ତ ରଞ୍ଜନ ବାଘ, ବାଳ ନିକେତନର ପୂର୍ବତନ ଅନ୍ତେବାସୀ ଜଗବନ୍ଧୁ ବଢ଼େଇ, କଳିଙ୍ଗ କୁମ୍ଭାର, ସଂଜୀବ ଧରୁଆ, ରଞ୍ଜିତ ଦନ୍ତା, ସୁଶାନ୍ତ ବିଶ୍ୱାଳ ଆଶ୍ରମ ପରିଚାଳକ ହେମନ୍ତ ପଧାନ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍ୟୋକ୍ତା ତଥା ସମର୍ପଣ ଅନୁଷ୍ଠାନର ମୁଖ୍ୟ ଦୀପକ ବିଶ୍ୱାଳ ଓ ଯୁବ ସମାଜସେବୀ ହେମସାଗର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

# ବ୍ରହ୍ମପୁର ସହରର ପ୍ରମୁଖ ଦୁଇ ରାସ୍ତାର ଅବସ୍ଥା ଶୋଚନୀୟ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ସହରର ପ୍ରମୁଖ ଦୁଇ ଗୋଟି ରାସ୍ତା କିଛି କିଛି ବ୍ୟବଧାନରେ, ରାସ୍ତାର ମଧ ଭାଗରେ ଅତି କଦର୍ଯ୍ୟ ହୋଇ ରହିଥିବା ନଜିର ଅଛି, ରାସ୍ତା କଡ଼ରେ ଥିବା ଡ୍ରେନ ମଧ କଦର୍ଯ୍ୟ ହୋଇ ରହିଥିବା ଜଣାପଡ଼ିଛି। ପ୍ରଥମତଃ ବିଜିପୁର ଠାରୁ ଗୋଷାଣୀ ନୂଆଗାଁ ଦେଇ ଅନ୍ଧପସରା ରାସ୍ତାକୁ ସଂଯୋଗ କରୁଥିବା ପର୍ଯ୍ୟନ୍ତ, ସେହିପରି ଅନ୍ୟଟି ହେଉଛି ବିଜିପୁର ଛକ ଠାରୁ ବ୍ରହ୍ମପୁର ରେଳଷ୍ଟେସନ ପର୍ଯ୍ୟନ୍ତ। ନିହାତି ଭାବେ ଏହି ଦୁଇଟି ରାସ୍ତାର ମରାମତି କାର୍ଯ୍ୟ ହେବା ଉଚିତ୍ ଯେହେତୁ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଯାତାୟତ କରିଥାନ୍ତି, ଏଭଳି ପରିସ୍ଥିତିକୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସାଧାରଣ ଜନତା ବହୁ ମାତ୍ରାରେ ଉପକୃତ ହେବେ।

# ଜିଲ୍ଲା ସ୍ତରୀୟ ଆଶାକର୍ମୀ ସଂଘର ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ସଭାପତି ଭଜହରି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଏଆଇଟିୟୁସି ର ରାଜ୍ୟ ନେତା ରମଣୀ ରଞ୍ଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ଆଶାକର୍ମୀ ସଂଘର ସଂପାଦିକା କାନ୍ତିପ୍ରଭା ନାୟକ, ବିକାଶ ଚନ୍ଦ୍ର ବେହୁରା, କୋଷାଧକ୍ଷ ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀ ମାନଙ୍କର ମଙ୍କସର ପ୍ରଥମ ସପ୍ତାହରେ ନିଶ୍ଚିନ୍ତ ଭତ୍ତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପାରିଶ୍ରମକୁ କାଟଛାଟ ନ କରିବା, ଆଶାକର୍ମୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, କାମ କରୁଥିବା ବେଳେ ଆଶାକର୍ମୀର ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୫ ଲକ୍ଷଟଙ୍କା ସହାୟତା ରାଶି ସହିତ ଜଣକୁ ଚାକିରି ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା କୁ ଭିତି କରି ତୁରନ୍ତ ପ୍ରମୋଶନ ପ୍ରଦାନ କରିବା, ସେକ୍ଟର ମିଟିଂରେ ମିଳୁଥିବା ପାରିଶ୍ରମକୁ ବୃଦ୍ଧି କରାଯିବା ଆଦି ଦାବି ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିସହିତ ଆସନ୍ତା ୨୩ ତାରିଖ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ଅମ୍ବିକା ନାଥ, ସଂଯୁକ୍ତା ସାହୁ, କବିତା ସେଣ, ସଚଳା ସେଠୀ, ମନୋରମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବରଗଡ଼ରେ ଅଭିଯୋଗ ଶୁଣାଣି ୧୦୭ ଦରଖାସ୍ତ ଗ୍ରହଣ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସାହୁ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୦୭ ଗୋଟି ଅଭିଯୋଗ ମଧ୍ୟରୁ ୯୫ ଗୋଟି ବ୍ୟକ୍ତିଗତ, ୧୨ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସୋନପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି : ୩୫ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୫ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ଗୋଟି ସାମୁହିକ



ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ସୋନପୁର, ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ସୋନପୁର, ଜି. ରଶ୍ମିରେଖା, ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ।

# ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ସାତ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ଶାଖା ତରଫରୁ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡ. ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁର ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ସୋନପୁର ସୁମ୍ୟାରୂପା ରଥ ତଥା ବିଡ଼ିଓ ସୋନପୁରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବ୍ଲକ ସ୍ତରୀୟ ଅଧିକାରୀ ବୃନ୍ଦ ଓ ବିଭିନ୍ନ ସମ୍ବାଦପତ୍ର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲାର ଛାତ୍ରଛାତ୍ରୀ ସୁଶ୍ରୀ ସୁପ୍ରିୟା ମିଶ୍ର ରମ୍ଭା ସିଣ୍ଡୋଲ, ତରଭା ବ୍ଲକ, ଅଂଶୁମାନ ସାହୁ, ପଟାଭାଡି, ସୋନପୁର, ଯତୀନ କୁମାର ବାଦି, ଜଟେସୀଙ୍ଗା, ବିରମହାରାଜପୁର ବ୍ଲକ, ଶ୍ରୀମାନ ବିପ୍ଳବ କିଶୋର ଭୋଇ, ନାରାୟଣପୁର, ସୋନପୁର ବ୍ଲକ ଅନୁପସ୍ଥିତି ଯୋଗୁଁ ତାଙ୍କ ପିତା ରାଜେନ୍ଦ୍ର ଭୋଇଙ୍କୁ, ସୁଶ୍ରୀ ସ୍ମୃତିଶିଖା ଭୋଇ, ଗଜବନ୍ଧ, ଡୁଙ୍ଗୁରିପାଲି ବ୍ଲକ, (ଦୃଷ୍ଟି ବାଧିତ ଭିନ୍ନକ୍ଷମ) ବର୍ତ୍ତମାନ ସୋନପୁର ନିବାସୀ, ବିଶାଳ ରଞ୍ଜନ ଭୋଇ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ, ପ୍ରଦୀପ କୁମାର ଭୋଇଙ୍କ ସୁପୁତ୍ର ସୋନପୁରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବାହାଦୁର ଦେବତା, ବିନିକା ବ୍ଲକ (ଦୃଷ୍ଟି ବାଧିତ ଭିନ୍ନକ୍ଷମ) ଅନୁପସ୍ଥିତ ଥିଲେ। ଏହା ବ୍ୟତୀତ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସୁପୁତ୍ର ସ୍ୱାଶତ ସୌମ୍ୟକାନ୍ତ ମଧ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗୁଁ ସେ ଅନୁପସ୍ଥିତ ଥିବାରୁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼. ନୃପ ରାଜ ସାହୁଙ୍କୁ ମଧ ଭବ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପ ଭାବେ ଓଡ଼ିଶା ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ଜିଲ୍ଲା ଶାଖା ତରଫରୁ ମଧ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଉପସ୍ଥିତ ସଂଘର କର୍ମକର୍ତ୍ତା (ସାମ୍ବାଦିକ) ମାନଙ୍କ ଦ୍ୱାରା ଉପଢୌକନ ସହିତ ତାଙ୍କ ସଂଘର ଏକ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଧନା ସଭାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସେମାନଙ୍କର ପ୍ରତିକ୍ରିୟା ରଖିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରସ୍ତାବ ଦେଇ କହିଥିଲେ ଯେ ଜିଲ୍ଲା ପାଠାଗାର କୁ ଯାଇ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଆବଶ୍ୟକୀୟ ପରାମର୍ଶ ଓ ଦିଗ ଦର୍ଶନ ଦେଲେ ସୁବର୍ଣ୍ଣପୁର ଜିଲ୍ଲା ଅଧିକ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ। ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାମ୍ବାଦିକ ସଂଘ ତରଫରୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ମାଝୀ ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରିଥିବା ବେଳେ ବିବେକ ପଣ୍ଡା ଓ ସାମ୍ବାଦିକ ମନୋରଞ୍ଜନ ତ୍ରୀପାଠୀ ସହଯୋଗ କରିଥିଲେ।

# ଭଦ୍ରକ ଜିଲ୍ଲା ଟିପ୍ପର ମାଲିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭିତ୍ତିଭୂମି ନିର୍ମାଣ ଓ କର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବର୍ଦ୍ଧିଷ୍ଣୁ ଦୀର୍ଘ ମିଆଦି ସଂସ୍ଥା। ଏହି ବନ୍ଦରର ସ୍ଥାପନା ବେଳେ ୭ ଗୋଟି ବ୍ଲକ୍‌ର ବିଭିନ୍ନ ଅଂଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଛନ୍ତି। ତେବେ କୌଣସି ନିର୍ଦ୍ଦିଷ୍ଟ ଅଂଚଳକୁ ଅତ୍ୟଧିକ ଅଗ୍ରାଧିକାର ଦେଲେ, ଅର୍ଥନୈତିକ ବୈଷ୍ୟମତା ସହିତ ଆଇନ୍ ଶୃଙ୍ଖଳାର ବିପର୍ଯ୍ୟୟ ଘଟିବ ବୋଲି ଆଜି ଭଦ୍ରକ ଜିଲା ଟିପ୍ପର (ଡମ୍ପର) ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇ ୫ ଦଫା ଦାବିରେ ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମୂଳେ ଗତ ଦୀର୍ଘ ୨ ମାସ ଧରି ଏହି ସଂଘ ପକ୍ଷରୁ ଜିଲାର ଅଧିକାଂଶ ଟିପ୍ପର ଓ ଟ୍ରକ୍ ମାଲିକମାନଙ୍କର ଅଭାବନୀୟ ଆର୍ଥିକ ଦୂରାବସ୍ଥା ଓ ଏହାର ଦୂରୀକରଣ ନେଇ ଭଦ୍ରକର ଜିଲାପାଳ ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା ହୋଇଛି। ଧାମରା ପୋର୍ଟ ଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଂଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ କ୍ଷେତ୍ରରେ ଆଂଚଳିକ ଅର୍ଥନୈତିକ ବୈଷମତା ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ନିମନ୍ତେ ଜିଲା ପ୍ରଶାସନ ନିର୍ବାଚନ ଜନ ପ୍ରତିନିଧିମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସଂଘ କହିଛି। ତେବେ ଜିଲାପାଳଙ୍କୁ ଦିଆଯାଇଥିବା ପତ୍ରରେ ଯେଉଁ ୫ ଦଫା ଦାବି ଉତ୍‌ଥାପନ କରାଯାଇଛି, ସେଥିମଧ୍ୟରେ ଧାମରା ପୋର୍ଟରେ ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମ ଯୋଗାଣକୁ ଜିଲାର ସମସ୍ତ ଅଂଚଳ ଗୁଡିକ ମଧ୍ୟରେ ସମାନୁପାତରେ ବଂଟନ କରାଯିବା, ଜିଲାରେ ଗଢି ଉଠିଥିବା ଟ୍ରାନ୍ସପୋର୍ଟିଂ ଆସୋସିଏସନ୍ ଗୁଡିକର କାର୍ଯ୍ୟଶୈଳୀ, ଦକ୍ଷତା, ସମାଜସେବୀ ଓ ସଂଘର ବୟସ ସଦସ୍ୟ ସଂଖ୍ୟାକୁ ଆଧାର କରି ପରିବହନ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୁପାରିଶ କରାଯିବା, ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମଯୋଗାଣର ପାତର ଅନ୍ତର ନୀତି ବନ୍ଦ କରାଯାଇ ମାତ୍ର ୮ଟି ପଞ୍ଚାୟତର ଗାଡିମାନଙ୍କୁ ସମୁଦାୟ କାର୍ଯ୍ୟର ଯେଉଁ ୭୦ ପ୍ରତିଶତ କାମ ଦିଆଯାଇଛି, ତାହା ବନ୍ଦ କରାଯିବା, ୧୨୫ ସଦସ୍ୟ ବିଶିଷ୍ଟ ଭଦ୍ରକ ଜିଲାର ସର୍ବପୁରାତନ ଟିପ୍ପର ମାଲିକ ସଂଘକୁ ପୋର୍ଟ ପରିବହନ କ୍ଷେତ୍ରରେ ସାମିଲ କରିବା, ଗାଡି କିସ୍ତି ଦେଇନପାରି ହତାଶ ଓ ମାନସିକ ଯନ୍ତ୍ରଣା ଭିତରେ ରହିଥିବା ଗାଡି ମାଲିକମାନଙ୍କ ପ୍ରତି ସମବେଦନା ଜଣାଇବା ପୂର୍ବକ ଭଦ୍ରକ ଜିଲାପାଳ ତୁରନ୍ତ ଏକ କମିଟି ଧାମରା ବନ୍ଦର ଠାରେ କୋଇଲା ପରିବହନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଗଠନ କରିବା ନେଇ ଉପରୋକ୍ତ ସଂଘ ପକ୍ଷରୁ ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକ ଅନଶନ କରାଯାଇଥିଲା। ଏହି ଅନଶନ ସଭାରେ ଭଦ୍ରକ ଜିଲ୍ଲା ଟିପ୍ପର (ଡମ୍ପର) ମାଲିକ ସଂଘର ବରିଷ୍ଠ ସଦସ୍ୟ ଅଶୋକ ପରିଜା ଅଧକ୍ଷତା କରିଥିବାବେଳେ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି ଓ ସଦସ୍ୟ ରଜତ ପତି, ଚନ୍ଦନ ନାୟକ, ସୌମ୍ୟରଂଜନ ବାରିକ, ରାଥିଆ ବାରିକ, ଅଶୋକ ବାରିକ, ବଳରାମ ପରିଡ଼ା, ତାଳଧ୍ୱଜ ବେହେରା, ଲକ୍ଷ୍ମୀକାନ୍ତ ବାରିକ, ଗୁରୁପଦ ସାହୁ, ଅଜୟ ବାରିକ, ପ୍ରେମାନନ୍ଦ ନାୟକ, ମହାପ୍ରାସାଦ ସାହୁ, ପ୍ରଶାନ୍ତ ସାହୁ, ସେକ୍ ରେଜଉଲ୍ ମୁସ୍ତାଫା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ହରିଲୁଟ୍ : ବୈତରଣୀ ବାଲି ପ୍ରଭାବିତ, ପରିବେଶ ନଷ୍ଟ, ବନ୍ୟଜନ୍ତୁ ଆତଙ୍କିତ, ବଢୁଛି ଦୁର୍ଘଟଣା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ବ୍ୟାପକ ପରିମାଣରେ ବାଲି ହରିଲୁଟ୍ ହେଉଥିବାରୁ, ପରିବେଶ ଉପରେ ତା'ର କୁପ୍ରଭାବ ପଡ଼ିବା, ବନ୍ୟଜନ୍ତୁ ମାନେ ଭୟଭୀତ ଅବସ୍ଥାରେ ରହିବା ସହ ଏହି କିଛିଦିନ ଭିତରେ ବହୁ ଦୁର୍ଘଟଣା ଘଟିବାରେ ଲାଗିଛି। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ତହସିଲର ଘସିପୁରା ଥାନା ଅଧୀନ କୋଲିମାଟି ପଞ୍ଚାୟତ ହେଉଛି ଏକ ଆଦିବାସୀ ଅଞ୍ଚଳ, ଏହି ପଞ୍ଚାୟତ ଦେଇ ବୈତରଣୀ ନଦୀ ପ୍ରବାହିତ, ତେବେ ଏହି ଅଞ୍ଚଳଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ଏହା ହାତୀଙ୍କର ଏବଂ ସଂରକ୍ଷିତ ଜଙ୍ଗଲ



ହୋଇଥିବାରୁ ଏଠାରେ କୌଣସି ବାଲିଘାଟ ନିଲାମ ଦିଆଯାଇନାହିଁ। ତେବେ କିଛି ବାଲି ମାଫିଆ ଦୀର୍ଘ ଦିନ ହେବ ଏଠାରେ ବଡ଼ ବଡ଼ ମେସିନ ଲଗାଇ ହାଇଓ୍ୱା ଯୋଗେ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ତାହା ଦ୍ୱାରା ରାସ୍ତାଗୁଡ଼ିକ ବହୁ ଶୀଘ୍ର ନଷ୍ଟ ହେବାର ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ମଧ ବାଟବଣା ହୋଇଯାଇଛି। ବନ ବିଭାଗ ପକ୍ଷରୁ ଠିକ୍ ଭାବରେ ପାଟ୍ରୋଲିଂ କରାଯାଉନାହିଁ। ଅପର୍ଯ୍ୟାପ୍ତ ବାଲି ଲୁଟ୍ ହେଉଥିଲେ ମଧ ଖଣି ବିଭାଗ ନିରବଦ୍ରଷ୍ଟା ପାଲଟିଛି। ଏହି ବାଲି ଲୁଟ୍ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ପୋଲିସ ବିଭାଗ ଚୁପ୍ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସଂରକ୍ଷିତ ଜଙ୍ଗଲ ଓ ହାତୀ ଚଳପ୍ରଚଳ ଲାଗି ଥିବା ବନ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ମାଫିଆଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହେଉଛି। ପରିବେଶ କ୍ଷୟକ୍ଷତି ଲାଗି ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ କଡ଼ା ପଦକ୍ଷେପ ନେବା ଲାଗି ଦାବି ହେଉଛି। ବେଆଇନ ଭାବେ ସଂରକ୍ଷିତ ଜଙ୍ଗଲରୁ ଗଛ ହାଣି, ବାଲି ହରିଲୁଟ୍ ଲାଗି ରାସ୍ତା ନିର୍ମାଣ କରିଥିବାରୁ ଜଙ୍ଗଲ ଆଇନ ୧୯୨୭ ଓ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁସାରେ ଇକୋସିଷ୍ଟମକୁ ନଷ୍ଟ କରିଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ହାତୀ ଚଳପ୍ରଚଳ କରୁଥିବା ରାସ୍ତାରେ ବାଲି ଗାଡ଼ି ନେବା ଲାଗି ହାତୀ ଉପରକୁ ଫାଙ୍କା ଗୁଳିଚାଳନା କରି ହାତୀମାନଙ୍କୁ ଭୟଭୀତ କରୁଥିବାରୁ ବନ୍ୟଯନ୍ତୁ ସୁରକ୍ଷା ଆଇନ ୧୯୭୨ ଲାଗୁ କରିବା ପାଇଁ ମଧ ଦୃଢ ଦାବି ହେଉଛି। ଯେହେତୁ ହାତୀ ଭଳି ବନ୍ୟଜନ୍ତୁ ସଂଖ୍ୟା ଦିନକୁ ଦିନ ରାଜ୍ୟରେ କମିବାରେ ଲାଗିଛି, ତେଣୁ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ମାଫିଆଙ୍କ ଦ୍ୱାରା ନଷ୍ଟ ହୋଇଥିବା ପରିବେଶ ବନ୍ୟଜନ୍ତୁ ଏବଂ ରାସ୍ତା ନିର୍ମାଣ ପାଇଁ ମାଫିଆଙ୍କଠୁ ଅର୍ଥ ଆଦାୟ ପାଇଁ ବୁଦ୍ଧିଜୀବୀ ମହଲରେ ଜୋରଦାର ଦାବି ହେଉଛି।

# ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ଅମୃତିଆ ମଠ ପଡିଆ ଠାରେ ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଅମୃତିଆ ପଞ୍ଚାୟତ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ମାନସ ଦାସ, ସମ୍ପାଦକ ଭାବେ ରବିନ୍ଦ୍ର ସେନାପତି, ଉପସଭାପତି ଭାବେ ବିଷ୍ଣୁ ଚରଣ ଦାସ ଓ ଯୁବ ଯାଦବ ସଭାପତି ଭାବେ ପ୍ରଶାନ୍ତ ଦାସ, ଯୁବ ସମ୍ପାଦକ ଭାବେ ମାଧବ ପରିଡ଼ା ଓ ଉପଦେଷ୍ଟା ମଣ୍ଡଳୀରେ ବାବନ ପରିଡ଼ା, ବନ ବିହାରୀ ଦାସ, ଭାଗବତ ଦାସ, ବେଣୁଧର ସେନାପତିଙ୍କୁ ଚୟନ କରାଯାଇ ଥିଲା।







# ନାବାଳିକାକୁ ଅସଦାଚରଣ ମାମଲାରେ ଜେଲ୍ ଗଲେ ଅଭିଯୁକ୍ତ ଯୁବକ

**କାକଟପୁର, ନ୍ୟୁଜ୍ ବ୍ୟୁରୋ**

କାକଟପୁର ଥାନା ହରିଦାସପୁର ବାଲିସାହି ଗାଁରେ ମଙ୍ଗଳବାର ସକାଳ ୮ଟା ସମୟରେ ଜଣେ ନାବାଳିକା ଝିଅ ଏକ କୋଲ୍‌ଗେଟ୍ କିଣିବା ପାଇଁ ତାଙ୍କ ଗାଁ ଦୋକାନକୁ ଯାଉଥିବା ସମୟରେ, ସେହି ସମୟରେ ଛୋଟରାୟପୁର ଗାଁର ସନ୍ତୋଷ ନାୟକ (୩୦) ତାଙ୍କୁ ବେଆଇନ୍ ଭାବରେ ସେଠାରେ ଅଟକାଇ ଏବଂ ତାଙ୍କ ମୁହଁରେ ରୁମାଲ୍ ପକାଇ ଜୋର୍‌ଜବରଦସ୍ତି ରାସ୍ତା କଡ଼ରୁ ଜଙ୍ଗଲ ଅଞ୍ଚଳକୁ ନେଇଯାଇଥିଲେ ଏବଂ ସେଠାରେ ତାଙ୍କୁ ଅସଦାଚରଣ କରିଥିଲେ । ଏହାପରେ ଯେତେବେଳେ ନାବାଳିକା ଜଣଙ୍କ ଚିତ୍କାର କଲେ, ତାଙ୍କ ମା' ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତ ଯୁବକ ତାଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ । ଘଟଣା ବିଷୟରେ ନାବାଳିକା ମା' କାକଟପୁର ଥାନାରେ ରିପୋର୍ଟ କରିଥିଲେ । ଅଭିଯୋଗ ପରେ ୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଯୁବକକୁ କାକଟପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୋଲିସ ପକ୍ଷରୁ ୨୯୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ ପୁରୀ ପୋକ୍ସୋ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ୩ ହାଇୱେ ଲୁଟେରା କୋର୍ଟ ଚାଲାଣ:ଲୁଟ୍ ସାମଗ୍ରୀ ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



୧୬ନଂ ଜାତୀୟ ରାଜପଥର ଲୁଟ୍‌ପାଟ୍ ଘଟଣାରେ ୩ ଜଣ ଲୁଟେରାଙ୍କ ସମେତ ୬ ଜଣଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ସେମାନଙ୍କ ଠାରୁ ସୁନା ଗହଣା, ଟଙ୍କା ବାଇକ୍, ମୋବାଇଲ୍ ଓ ଭୁଜାଲି ଜବତ କରିଛି । ବୁଧବାର ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ଼ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଉଛନ୍ତି । ୧୬ ନଂ ଜାତୀୟ ରାଜପଥରେ ରାହାଜାନୀ ଓ ଡକାୟତି ଘଟୁଥିବାବେଳେ ପୋଲିସ କୌଣସି ସୁରାକ୍ ପାଇପାରୁନଥିଲା । ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିଲା । ଲୁଟେରାଙ୍କୁ ଠାବ କରିବା ପାଇଁ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ରମାକାନ୍ତ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଜାତୀୟ ରାଜପଥରେ ପାଟ୍ରୋଲିଙ୍ଗ କରୁଥିବାବେଳେ ୩ ଜଣ ଲୁଟେରା ପଲ୍‌ସର୍ ବାଇକ୍‌ଧରୀ ସନ୍ଦେହଜନକ ଭାବେ ବୁଲିଥିବା ବେଳେ ପୋଲିସ ହାବୁଡରେ ପଡ଼ିଥିଲେ । ସେମାନଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସମସ୍ତ ସୂଚନା ମିଳିଥିଲା । ଏମାନଙ୍କର ୩ ଜଣ ସହଯୋଗୀଙ୍କୁ ପୋଲିସ ଗିରଫକରି ସେମାନଙ୍କ ଠାରୁ ଲୁଟ୍ ସାମଗ୍ରୀ ଜବତ କରିଛି । ସେମାନଙ୍କ ବିରୋଧରେ ୫ ଥାନାରେ ୧୯ଟି ମାମଲା ରହିଥିବା ଏସ୍‌ଡିପିଓ ସୂଚନା ଦେଇଥିଲେ । ଗିରଫ ଲୁଟେରାମାନେ ହେଲେ ଭଦ୍ରକ ଭଣ୍ଡାରୀ ପୋଖରୀ ଥାନା କୋଳିପଡା ଗ୍ରାମର କୃଷ୍ଣା ଦାସଙ୍କ ପୁଅ ଗୋପୀ ଦାସ (୪୨), ଧାମନଗର ନୂଆପଡାର ଉମାକାନ୍ତ ଦାସଙ୍କ ପୁଅ ବଳାରାମ ଦାସ (୨୨) ଓ ଜଗନାଥ ଦାସ (୨୨) ଅନ୍ୟ ୩ ଜଣ ହେଲେ ସୁନା ଦୋକାନୀ କେନ୍ଦ୍ରାପଡା ଥାନା ଠାକୁରପାଟଣାର ଅନନ୍ତ ବେହେରା (୩୮), ଧାମନଗର ସୋଧଗ୍ରାମର ଗୌତମ କୁଣ୍ଡୁ (୩୨) ଓ ଆନନ୍ଦ କୁଣ୍ଡୁ (୫୬) । ସେମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଓ ଏଏସ୍‌ଇ ରମାକାନ୍ତ ନାୟକ ଉପସ୍ଥିତ ଥିଲେ ।

## ମରାମତି କାର୍ଯ୍ୟ ପାଇଁ ଭାରୀଯାନ ଚଳାଚଳ କଟକଣା

# ୧୦ରୁ ୨ ପର୍ଯ୍ୟନ୍ତ ବାଙ୍ଗିରିପୋଷି ଘାଟିରେ ଚଳାଚଳ ବନ୍ଦ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାଙ୍ଗିରିପୋଷୀ-ବିଶୋଇ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ଅକ୍ଟୋବର ୧୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଘାଟି ରାସ୍ତାରେ ଭାରୀଯାନ ଚଳାଚଳ କଟକଣା ହୋଇଛି । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି । ସକାଳ ୧୦ଟାରୁ ଦିବା ୨ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ରହିବ । ଜାତୀୟ ରାଜପଥ-୪୯ ଛତିଶଗଡ ରାଜ୍ୟର ବିଳାସପୁରରୁ ପଶ୍ଚିମବଙ୍ଗର ଖଡ଼ଗପୁର ପର୍ଯ୍ୟନ୍ତ ଏକ ବ୍ୟସ୍ତ ବହୁଳ ରାଜମାର୍ଗ ଅଟେ । ବାଙ୍ଗିରିପୋଷୀରୁ ବିଶୋଇ ପର୍ଯ୍ୟନ୍ତ ୯ କିଲୋମିଟର ରାସ୍ତା ସଂକୀର୍ଣ୍ଣ ଏବଂ ଖାଲଖମା ଯୁକ୍ତ ହୋଇଥିବାରୁ ଯାତ୍ରୀମାନଙ୍କ ପାଇଁ ବିପଦ ଜନକ ହୋଇଛି । ତେଣୁ ଭାରତର ଜାତୀୟ ରାଜପଥ ପ୍ରାଧିକରଣ ରାସ୍ତାର ମରାମତି କାର୍ଯ୍ୟ କରିବେ । ଭାରୀ ଯାନବାହନ ଚଳାଚଳ ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁକରି ଉଭୟ ପାର୍ଶ୍ୱରେ ଭାରୀ ଯାନବାହନ ଚଳାଚଳରେ କଟକଣା ଜାରି କରାଯାଇଛି । ଅତ୍ୟଧିକ ଟ୍ରାଫିକ୍ ଜାମ୍ ଏଡାଇବା ପାଇଁ ଅକ୍ଟୋବର ୧୦ ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ପବ୍ଲିକ୍ ବସ୍, ସ୍କୁଲ୍ ଏବଂ କଲେଜ୍ ବସ୍, ପୋଲିସ୍ ଏବଂ ପ୍ରତିରକ୍ଷା ଯାନ ଏବଂ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ବହନ କରୁଥିବା ଯାନକୁ ବ୍ୟତୀତ ଭାରି ଯାନବାହାନ ଚଳାଚଳକୁ ନିଷେଧ କରାଯାଇଛି । କାର୍ଯ୍ୟର ସୁଗମ ସମ୍ପାଦନରେ ସହଯୋଗ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଏହାର ତଦାରଖ ପାଇଁ ବାଙ୍ଗିରିପୋଷୀ ଏବଂ ବିଶୋଇ ଥାନା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଛୋଟ ଯାନବାହନ ଘାଟି ରାସ୍ତାରେ ସୁଗମ ଚଳାଚଳ କରିପାରିବେ । ଜାମ୍ ଏଡାଇବା ପାଇଁ ବିଶୋଇ-ଆରଗଲବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ରାସ୍ତାକୁ ଉଭୟ ପାର୍ଶ୍ୱରୁ ବ୍ୟବହାର କରିପାରିବେ ।

# ସେମରଡ଼ିହି ଜଙ୍ଗଲରୁ ଚିତାବାଘ ଶବ ଉଦ୍ଧାର

**ରାଇଘର, ନ୍ୟୁଜ୍ ବ୍ୟୁରୋ**



କୁନ୍ଦେଇ ସେମରଡ଼ିହି ଜଙ୍ଗଲରୁ ମୃତ ଚିତାବାଘ ଉଦ୍ଧାର । ରାଇଘର ବ୍ଲକ କୁନ୍ଦେଇ ବନବିଭାଗ ଅଧୀନରେ ଥିବା ସେମାରଡ଼ିହି ଜଙ୍ଗରେ ଏକ ଚିତାବାଘ ମରି ପଡିଥିବା ଦେଖିବାକୁ ମିଳିଥିଲା । ଏକ ମକା ବାଡ଼ିରେ ମିଳିଥିଲା ଶବ । ସକାଳେ ପ୍ରାୟ ୭ଟା ସମୟରେ ଗ୍ରାମ ଲୋକେ ଦେଖିବା ପରେ ଖବର କରିଥିଲେ କୁନ୍ଦେଇ ବନ ବିଭାଗକୁ । ବନବିଭାଗ କର୍ମଚାରୀ ପହଞ୍ଚିବା ପରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଖବର କରି ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜଗି ରହିଥିଲେ ଘଟଣାସ୍ଥଳରେ । ନବରଙ୍ଗପୁରରୁ ଡିଏଫଓ ପହଞ୍ଚିଥିଲେ । ଏହି ସମୟରେ ଖବର ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ କିଛି ଗଣମାଧ୍ୟମ ପ୍ରତିନିଧି । ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଘଟଣାସ୍ଥଳକୁ ଯିବାକୁ ବାରଣ କରିଥିଲା କୁନ୍ଦେଇ ବନ ବିଭାଗ । ଏହାପରେ ଯଲକ୍ଟ ଘଟଣା ସ୍ଥଳରେ ପହଞ୍ଚିବାର ଅଧଘଣ୍ଟା ପରେ ଅନୁମତି ମିଳିଥିଲା । ଗଣମାଧ୍ୟମ ପ୍ରତିନିଧିଙ୍କୁ ଘଟଣାସ୍ଥଳକୁ ଯିବାକୁ ଏଭଳି ଆଚାରଣକୁ ଦେଖି ଅଞ୍ଚଳବାସୀ କେଉଁ କାରଣରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଘଟଣାସ୍ଥଳକୁ ଯିବାକୁ ବାରଣ କରିବା ସହ ବାଘ ମରିବାର ପ୍ରକୃତ ତଥ୍ୟ ବନ ବିଭାଗ ଲୁଚାଉଥିବା ଅଞ୍ଚଳରେ ଆଲୋଚନା ହେଉଛି । ଏହି ବିଷୟରେ ଯଲକ୍ଟ ଶୁଭେନ୍ଦୁ ବେହେରାଙ୍କୁ ପଚାରିବାରୁ ବାଘ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ । ଏହି ବାଘ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ଅନୁମାନ କରାଯାଉଥିବା କହିଥିଲେ । ଚିତାବାଘ ମରିବାର ପ୍ରକୃତ ସତ ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ । ବର୍ତ୍ତମାନ ଦେଖିବାକୁ ବାକିରହିଲା କେଉଁ କାରଣରୁ ବାଘର ମୃତ୍ୟୁ ହୋଇଛି ।

# ନୂତନ ରୁଟ୍‌ରେ ମୁଖ୍ୟମନ୍ତ୍ରୀ ବସ୍ ସେବା ହେଲା ଶୁଭାରମ୍ଭ

**କେନ୍ଦୁଝର, ନ୍ୟୁଜ୍**




ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରି ଯାତ୍ରୀ ମାନଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ସରକାରୀ ବସ୍ ଷ୍ଟାଣ୍ଡରୁ ଧୋବାଡିଆ ଛକ ଦେଇ ଧରଣୀଧର ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ ପର୍ଯ୍ୟନ୍ତ ନୂତନ ରୁଟ୍‌ରେ ବସ୍ ସେବା ଆରମ୍ଭ କରିଥିବାର ଜଣାପଡିଛି । ମିଳିଥିବା ସୂଚନାରୁ ପ୍ରକାଶ ଯେ, ଏହି ରୁଟ୍ ଦେଇ ବସ୍‌ସେବା କାର୍ଯ୍ୟକ୍ଷମ ହେବାପରେ ସହର ମଧ୍ୟରେ ପ୍ରମୁଖ ସାର୍ବଜନୀନ ସୁବିଧା କେନ୍ଦ୍ରଗୁଡିକୁ ସଂଯୋଗ କରୁଥିବା ଏକ ସୁବିଧାଜନକ ଏବଂ ସୁଲଭ ପରିବହନ ବ୍ୟବସ୍ଥା ସୁନିଶ୍ଚିତ ହୋଇପରିବା ସହ ଏହି ନୂତନ ରୁଟ୍ ସରକାରୀ ବସ୍‌ଷ୍ଟାଣ୍ଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝରଗଡ଼ ରେଳ ଷ୍ଟେସନ, ଧରଣୀଧର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସଂଯୋଗ କରିବ । ଏବଂ ଏହି ସେବା ପ୍ରତିଦିନ ସାତଟି ଭିନ୍ନ ଭିନ୍ନ ସମୟରେ ଉପଲବ୍ଧ ହେବ, ଯାହାକି ଛାତ୍ରଛାତ୍ରୀ, ରୋଗୀ, ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସାଧାରଣ ଯାତ୍ରୀମାନଙ୍କ ପାଇଁ ଦିନସାରା ନିୟମିତ ପରିବହନ ସୁବିଧା ସୁନିଶ୍ଚିତ ହୋଇପାରିବ । ଏହି ବସ୍ ସେବା ସାରଣୀ ଅନୁଯାୟୀ, ଦିନର ପ୍ରଥମ ଯାତ୍ରା ସକାଳ ୦୫:୪୫ ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ସକାଳ ୦୫:୫୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚିବ, ସକାଳ ୦୬:୧୨ରେ ରେଳ ଷ୍ଟେସନ୍‌ରେ ପହଁଚିବ ଏବଂ ତା'ପରେ ସକାଳ ୦୬:୨୪ରେ ଧରଣୀଧର ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରେ ପହଁଚିବ, ସକାଳ ୦୬:୨୯ରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ପହଞ୍ଚିବ, ସକାଳ ୦୬:୪୮ ରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଓ ସକାଳ ୦୬:୫୮ ରେ ସରକାରୀ ବସ୍ ଷ୍ଟାଣ୍ଡକୁ ଫେରି ଯାତ୍ରା ଶେଷ କରିବ । ଦ୍ୱିତୀୟ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୦୭:୧୫ରେ ଆରମ୍ଭ ହେବ । ସକାଳ ୦୭:୨୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୦୭:୪୨ରେ ରେଳ ଷ୍ଟେସନ୍, ସକାଳ ୦୭:୫୪ରେ ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, ସକାଳ ୦୭:୫୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୦୮:୧୮ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଫେରିବ ଏବଂ ସକାଳ ୦୮:୨୮ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ । ସେହିପରି, ତୃତୀୟ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୦୯:୦୦ରେ ଆରମ୍ଭ ହେବ, ସକାଳ ୦୯:୦୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୦୯:୨୭ରେ ରେଳ ଷ୍ଟେସନ୍, ସକାଳ ୦୯:୩୯ରେ ଧରଣୀଧର ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ସକାଳ ୦୯:୫୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୧୦:୦୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଫେରିବ ଏବଂ ସକାଳ ୧୦:୧୮ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ । ଚତୁର୍ଥ ଯାତ୍ରା ସରକାରୀ ବସ୍ ଷ୍ଟାଣ୍ଡରୁ ସକାଳ ୧୦:୩୦ ରେ ଆରମ୍ଭ ହେବ, ସକାଳ ୧୦:୩୫ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସକାଳ ୧୦:୫୭ରେ ରେଳ ଷ୍ଟେସନ, ସକାଳ ୧୧:୦୯ରେ ଧରଣୀଧର ମେଡିକାଲ କଲେଜ୍ ଓ ହସ୍ପିଟାଲ୍, ସକାଳ ୧୧:୧୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ସକାଳ ୧୧:୩୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଫେରିବ ଏବଂ ସକାଳ ୧୧:୪୮ରେ ସରକାରୀ ବସ୍ ଷ୍ଟାଣ୍ଡରେ ପହଞ୍ଚିବ । ପଞ୍ଚମ ଯାତ୍ରା ମଧ୍ୟାହ୍ନ ୧୨:୦୦ଟାରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୧୨:୦୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୧୨:୨୭ରେ ରେଳ ଷ୍ଟେସନ୍, ଅପରାହ୍ନ ୧୨:୩୯ ଟାରେ ଧରଣୀଧର ମେଡିକାଲ କଲେଜ୍ ଓ ହସ୍ପିଟାଲ୍, ଅପରାହ୍ନ ୧୨:୪୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୧:୦୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୧:୧୮ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ । ଏହାପରେ, ଷଷ୍ଠ ଯାତ୍ରା ଅପରାହ୍ନ ୦୧:୪୫ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୦୧:୫୦ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୦୨:୧୨ରେ ରେଳ ଷ୍ଟେସନ୍, ଅପରାହ୍ନ ୦୨:୨୪ରେ ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, ଅପରାହ୍ନ ୦୨:୩୪ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୦୨:୫୩ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୦୩:୦୩ ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ । ଦିନର ସପ୍ତମ ଏବଂ ଶେଷ ଯାତ୍ରା ଅପରାହ୍ନ ୦୩:୧୦ରେ ସରକାରୀ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହୋଇ ଅପରାହ୍ନ ୦୩:୧୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୦୩:୩୭ରେ ରେଳ ଷ୍ଟେସନ୍, ଅପରାହ୍ନ ୦୩:୪୯ ଟାରେ ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍, ଅପରାହ୍ନ ୦୩:୫୯ରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଅପରାହ୍ନ ୦୪:୧୮ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୦୪:୨୮ରେ ବସ୍ ଷ୍ଟାଣ୍ଡରେ ଯାତ୍ରା ଶେଷ କରିବ । ଏହି ଅବସରରେ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କର ସାଧାରଣ ପରିବହନ ସୁବିଧା ବୃଦ୍ଧି, ଟ୍ରାଫିକ୍ ଭିଡ଼ ହ୍ରାସ ଏବଂ କେନ୍ଦୁଝରର ବାସିନ୍ଦାଙ୍କ ପାଇଁ ସୁଲଭ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଅଂଶ । ନୂତନ ରୁଟ୍ ଡିଡି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌କୁ ଆସୁଥିବା ରୋଗୀ ଏବଂ ରେଳ ଷ୍ଟେସନ୍‌କୁ ଯାତାୟାତ କରୁଥିବା ଦୈନିକ ଯାତ୍ରୀମାନଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ହେବ ବୋଲି ଜଣାପଡିଛି । ଏହି ଶୁଭାରମ୍ଭ ସହିତ, କେନ୍ଦୁଝର ରାଜ୍ୟ ସରକାରଙ୍କ ସମସ୍ତଙ୍କ ପାଇଁ ସୁଲଭ ପରିବହନ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି, ଯାହା ଜିଲ୍ଲା ପ୍ରଶାସନର ଅନ୍ତର୍ଭୁକ୍ତିମୂଳକ, ନିର୍ଭରଯୋଗ୍ୟ ଏବଂ ଲୋକ-କେନ୍ଦ୍ରିକ ସାର୍ବଜନୀନ ସେବା ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମତପ୍ରକାଶ ପାଇଛି ।

## ହଜାର ହଜାର ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ

# ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ନିଯୁକ୍ତି ହୋଇ ପାରୁନାହାଁନ୍ତି ସମ୍ପାଦକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନୀତିର ତଦନ୍ତ ଓ ଏଥିରେ ସଂପୃକ୍ତ ଥିବା ସମ୍ପାଦକ ଓ ସରପଞ୍ଚଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମବାୟ ସମିତିର ସମ୍ପାଦକ ଓ ସରପଞ୍ଚଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ୍ ମଧ୍ୟ ସରିଛି । ଏଥି ସହ ସମ୍ପାଦକ ନିଲମ୍ବନ ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସମ୍ପାଦକଙ୍କୁ ନିଯୁକ୍ତି ଦେବାପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାରେ ସମ୍ପାଦକ ନିଯୁକ୍ତି ହୋଇପାରୁନାହାଁନ୍ତି । ବାରମ୍ବାର ଏ ବିଷୟରେ ଏଆର୍‌ସିଏସ୍ ଓ ଡିଆର୍‌ସିଏସ୍‌ଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ମଧ୍ୟ ସେଠାରେ ସମ୍ପାଦକ ନିଯୁକ୍ତି ନହେବାରୁ ହଜାର ହଜାର ଚାଷୀ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଧୋୟାଞ୍ଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ଜୁଆଣିଆ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓଡ଼ିଶା, ମୁଖ୍ୟ ସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟ୍ରାର ସମବାୟ ସମିତି ଓଡ଼ିଶା, କଟକ କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଆଦିଙ୍କୁ ଅଭିଯୋଗ କରାଯାଇଛି । ପୁନର୍ବାର ଶାତାଧିକ ଚାଷୀ ବୁଧବାର ଦିନ ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଡିଆର୍‌ସିଏସ୍ ପ୍ରଭାକର ନାୟକଙ୍କୁ ଭେଟି ତୁରନ୍ତ ଜୁଆଣିଆ କୃଷି ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି କରିବା ସହ ଦୁର୍ନୀତି ହୋଇଥିବା କୋଟି କୋଟି ଟଙ୍କାରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଆଲୋଚନା ସମୟରେ ପ୍ରଶାନ୍ତ କୁମାର ସାମଲ, ପ୍ରଦୀପ କୁମାର ଖିଲାର, ସୁବାସ ଚନ୍ଦ୍ର ଦାସ, ନିରଞ୍ଜନ ସାମଲ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଟାଏସି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମବରଦା ଥାନା ଅନ୍ତର୍ଗତ ବରୁହାଁ କୃଷ୍ଣଦାସପୁର ରାସ୍ତାର ବ୍ରହ୍ମବରଦା କଲେଜ ଛକ ନିକଟରେ ଟାଟାଏସି ଧକ୍କାରେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି । ବୁଧବାର ଅପରାହ୍ନରେ ବ୍ରହ୍ମବରଦା ପଞ୍ଚାୟତ ବେଲଗୁଡି ଗ୍ରାମର ନବଘନ ବେହେରା (୫୫) ନିଜ ସାଇକେଲରେ ଚାଷ ଜମିକୁ ଯାଉଥିବା ସମୟରେ ତାଙ୍କୁ ପଛପଟୁ ଟାଟାଏସି ଧକ୍କା ଦେଇଥିଲା । ଫଳରେ ନବଘନକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଧର୍ମଶାଳା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରୁଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟାଟାଏସି ଜବତକରି ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ କରୁଛି । ଟାଟାଏସି ଡ୍ରାଇଭର ଫେରାର ଅଛି ।

# ପାଣିରେ ବୁଡ଼ି ଯୁବକ ମୃତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜେଜେମା'ର ଅନ୍ତେଷ୍ଟି କ୍ରିୟା ସାରି ପୋଖରୀରେ ଗାଧୋଉ ଥିବା ବେଳେ ବୁଡ଼ିଯାଇ ଯୁବକର ମୃତ୍ୟୁ ହୋଇଯାଇଛି । ଭଣ୍ଡାରିପୋଖରୀ ଥାନା କୁଶଗଡିଆ ଗାଁର ଏହି ମୃତ ଯୁବକଙ୍କ ନାମ ବିକ୍ରମ ମଲ୍ଲିକ (୨୮) ବୋଲି ଜଣାଯାଇଛି । ସେ ଛତାବର୍ ନେଉଳିଆ ଟୋଲ୍ ଗେଟ୍‌ରେ କର୍ମଚାରୀ ଥିବାର ଜଣାଯାଇଛି । ଏହି ମୃତ୍ୟୁରେ ନେରଡା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି ।

# ସହିଦନଗରରେ ହେବ ରାଜଧାନୀ ପୁସ୍ତକ ମେଳା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବରୁ ରାଜଧାନୀ ପୁସ୍ତକମେଳା ପ୍ରଦର୍ଶନୀ ପଡ଼ିଆ ଠାରେ ହେଉଥିବା ବେଳେ ଚଳିତବର୍ଷ ପ୍ରଥମ କରି ସହିଦନଗର ଦୁର୍ଗା ପୂଜା ପଡ଼ିଆ ଠାରେ ଅନୁଷ୍ଠିତ ହେବ । ଆସନ୍ତା ନଭେମ୍ବର ୧୪ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ମେଳା ନିମନ୍ତେ କମିଟି ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ରାଜଧାନୀ ପୁସ୍ତକ ମେଳା କମିଟି ଏବଂ ଏକାମ୍ର ପୁସ୍ତକ ମେଳା କମିଟି ସହଯୋଗରେ ୨୦୧୯ରୁ ସରକାର ବଡ଼ ପୁସ୍ତକ ମେଳା ଆୟୋଜନ କରୁଥିଲେ । ଏହାଦ୍ୱାରା ୫ ବର୍ଷ ମଧ୍ୟରେ ଏହା ଦେଶର ଦ୍ୱିତୀୟ ପୁସ୍ତକ ମେଳା ଭାବେ ଉଭା ହୋଇଥିଲା । ଗତବର୍ଷ ମଧ୍ୟ ସରକାର ଉଭୟ କମିଟି ଓ କଟକ ପ୍ରକାଶକ ସଂଘ ସହିତ ମିଶି ପୁସ୍ତକମେଳା ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ସରକାର ନିଷ୍ପତ୍ତିରୁ ଓହରି କେବଳ ସରକାରୀ ସ୍ତରରେ କଲେ । ଏହି ତିନି ମୁଖ୍ୟ ଓ ସହ ଆୟୋଜକଙ୍କୁ ଅଲଗା କରିଦେଇଥିଲେ । ଆୟୋଜକମାନେ ବୁକିଂ କରିଥିବା ପ୍ରକାଶକ ଓ ଅନ୍ୟାନ୍ୟ ସଂସ୍ଥାକୁ ଟଙ୍କା ଫେରାଇଥିଲେ । ପଡ଼ିଆ ନମିଳିବାରୁ ଗତବର୍ଷ ପୁସ୍ତକ ମେଳା କରିପାରିନଥିଲେ । ଚଳିତବର୍ଷ ମଧ୍ୟ ପ୍ରଦର୍ଶନୀ ପଡ଼ିଆ ନମିଳିବାରୁ ସହିଦନଗର ଦୁର୍ଗା ପୂଜା ପଡ଼ିଆରେ ରାଜଧାନୀ ପୁସ୍ତକ ମେଳା କରାଯାଉଛି । ଚଳିତବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟର ୧୨ଟି ବିଭାଗରେ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ବିଶେଷ କରି ପ୍ରବନ୍ଧ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ, କବିତା, ଅନୁବାଦ, ନାଟକ, ବିଜ୍ଞାନ, ସାହିତ୍ୟ, ଧର୍ମ ସାହିତ୍ୟ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ବ୍ୟଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟରେ ୨୦୨୩ ଜାନୁଆରୀରୁ ୨୦୨୫ ନଭେମ୍ବର ମଧ୍ୟରେ ପ୍ରକାଶିତ ପୁସ୍ତକ ଗୁଡ଼ିକୁ ବିଚାରକୁ ନିଆଯାଇ ସର୍ବଶ୍ରେଷ୍ଠ ପୁସ୍ତକକୁ ପଞ୍ଚବିଂଶ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯିବ । ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶଚନ୍ଦ୍ର ସ୍ୱାଇଁ, ସଭ୍ୟ ବୀରକିଶୋର ପ୍ରଧାନ ଓ କମଳିନୀ ମଲ୍ଲିକ ପ୍ରମୁଖ ଯୋଗଦେଇ ନୂତନ ମନୋନୟନ କମିଟି ଗଠନ କରିଥିଲେ । ଆଗ୍ରହୀ ଲେଖକ କିମ୍ବା ପ୍ରକାଶକ ପୁସ୍ତକର ୩ ଖଣ୍ଡ କପି ସହିତ ପୁସ୍ତକର ବିଭାଗ, ପ୍ରକାଶନ ବର୍ଷ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଓ ଯୋଗାଯୋଗ ଠିକଣା ସହ ଅକ୍ଟୋବର ୩୧ ସୁଦ୍ଧା ସଭାପତି, ରାଜଧାନୀ ପୁସ୍ତକମେଳା କମିଟିକୁ ପ୍ରଦାନ କରିବାକୁ କୁହାଯାଇଛି ।




# କଣ୍ଟାବାଞ୍ଜିର ଗର୍ବ ମୃଣାଳ ବେହେରା 'ଇଣ୍ଡିଆ ଗ୍ରେଟେଷ୍ଟ ଟ୍ୟାଲେଣ୍ଟ ଶୋ' ସିଜନ-୭ରେ ଜାତୀୟ ବିଜେତା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂଆ ନକ୍ଷତ୍ର ମୃଣାଳ ବେହେରା ନିଜ ନୃତ୍ୟ ଦକ୍ଷତା ଓ ପ୍ରତିଭାର ଜୋର୍‌ରେ 'ଇଣ୍ଡିଆ ଗ୍ରେଟେଷ୍ଟ ଟ୍ୟାଲେଣ୍ଟ ଶୋ-ସିଜନ ୭' (ଡାନ୍ସ ବିଭାଗ)ର ଜାତୀୟ ବିଜେତା ହୋଇ ଓଡ଼ିଶାର ମାନ ବଢ଼ାଇଛନ୍ତି । ମୃଣାଳ ହେଉଛନ୍ତି ମୁକେଶ ବେହେରା (ଏବେ ଭାରତୀୟ ସେନାରେ କାର୍ଯ୍ୟରତ) ଓ ମନିତା ମହାନ୍ତିଙ୍କ ଝିଅ । ସେ ନିଜ ଜନ୍ମସ୍ଥାନ କାଣ୍ଟାବାଞ୍ଜି ଓ ସମଗ୍ର ଓଡ଼ିଶାକୁ ଗର୍ବିତ କରିଛନ୍ତି । ଚାରିଟି ଦୁର୍ଦ୍ଧାନ୍ତ ପର୍ଯ୍ୟାୟ ଉତ୍ତୀର୍ଣ୍ଣ ହେବା ପରେ, ମୃଣାଳ ରାଜସ୍ଥାନର ଜୟପୁର ସହରରେ ଆୟୋଜିତ ଗ୍ରାଣ୍ଡ ଫାଇନାଲ୍‌ରେ ତାଙ୍କ ଅଦ୍ଭୁତ ପ୍ରଦର୍ଶନ ସହିତ ସମସ୍ତଙ୍କ ହୃଦୟ ଜିତି ନେଇଛନ୍ତି । ତାଙ୍କ ନୃତ୍ୟ – ଭାରତନାଟ୍ୟମ୍ ଓ ହିପ୍-ହପ୍‌ର ଅପୂର୍ବ ସମ୍ମିଶ୍ରଣ-ନ୍ୟାୟାଧୀଶ ଓ ଦର୍ଶକମାନଙ୍କୁ ମନମୁଗ୍ଧ କରିଛି । ତାଙ୍କ ସୃଜନଶୀଳତା, ଭାବଭଙ୍ଗୀ ଓ ଶିଷ୍ଟ ନେଇ ନ୍ୟାୟାଧୀଶମାନେ ବିଶେଷ ପ୍ରଶଂସା କରିଛନ୍ତି । ଏହି ସଫଳତା ପରେ ମୃଣାଳଙ୍କୁ "ଓଡ଼ିଶାର ଗର୍ବ" ବୋଲି ସମ୍ମାନିତ କରାଯାଇଛି । ସେ ନିଜ ପରିଶ୍ରମ ଓ ଦେଶୀୟ ସଂସ୍କୃତି ପ୍ରତି ଭଲପାଇବା ଦ୍ୱାରା ନୃତ୍ୟ ଜଗତରେ ନିଜ ଅଲଗା ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କ ବିଜୟ ସୂଚନା ମିଳିବା ସହିତ, ସୋସିଆଲ ମିଡିଆରେ ଶୁଭେଚ୍ଛା ଓ ଅଭିନନ୍ଦନର ବନ୍ୟା ବହିଯାଇଛି । ସ୍ଥାନୀୟ ଲୋକ ଓ ନୃତ୍ୟପ୍ରେମୀମାନେ ମୃଣାଳଙ୍କୁ ଓଡ଼ିଶାର ଗୌରବ ବୋଲି ବର୍ଣ୍ଣନା କରୁଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୦।୧୦।୨୦୨୫, ଆଶ୍ୱିନ ଦି୨୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୯।୪୮ ଚନ୍ଦ୍ରୋଦୟ- ରାଘ ୮।୦୦।୨୨**

**ଚତୁର୍ଥୀ-** ରାଘ ୭।୩୯ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ସଂଘ ୫।୩୧ ପର୍ଯ୍ୟନ୍ତ । **ବୃଷଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର, । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୭।୩୯ ପରେ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୩ ଗତେ ଘ ୬।୩୦ ମଧ୍ୟେ । ଦିଘ ୧୧।୫୬ ଗତେ ଘ ୩।୫୩ ମଧ୍ୟେ । **ପର୍ବୋତ୍ସବ-**ଚରଖା ଦିବସ, ରାଷ୍ଟ୍ରୀୟ ଡାକସେବା ଦିବସ ।



**ମେଷ:** ବ୍ୟାକୁଳିତ ହେବେ । ତଥାପି କୌଣସି କାର୍ଯ୍ୟ କରିବା କଷ୍ଟସାଧ୍ୟ । ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଦୂର ଯାତ୍ରା କରିପାରନ୍ତି ।



**ବୃଷ:** ପର ଉପକାର କରି ଆନନ୍ଦିତ ଅନୁଭବ କରିବେ । ବହୁ ଜନ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୌଣସି ନୂତନ କାର୍ଯ୍ୟରେ ମନ ନିବେଶ କରିବେ । ଗୃହେ ଶାନ୍ତି ଲାଭ ।



**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନେ ଦୁର୍ଶ୍ଚିନ୍ତାର ପରିମାଣ ବଢିବ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ଦେହ ଭଲ ରହିବ । ପରିବାରରେ ସୁଖ ଶାନ୍ତି ମିଳିବ । ମନ ଦେହ ଭଲ ରହିବ ।



**କର୍କଟ:** ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦୂରଯାତ୍ରା କରିପାରନ୍ତି । ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବାର ସୂଚନା । ବନ୍ଧୁ ଦର୍ଶନ ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗ ଲାଭ ହେବ । ବାକି ଥିବା କାର୍ଯ୍ୟରେ ଅଗ୍ରଗତି ଦେଖା ଦେବ । ସର୍ବଦା କର୍ମଚଞ୍ଚଳ ରହିବେ । ରୋଜଗାର ବଢିବ । ଘରେ ସମସ୍ତେ ଖୁସିରେ ରହିବେ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ହିସାବ ପତ୍ର କମାଇ ଦିନକୁ ନିୟୋଜିତ କରିବେ । ପଠନ ଲିଖନ ପରି ପରିସ୍ଥିତି ସୃଷ୍ଟି ହେବ । ପାରିବାରିକ ସହଯୋଗ ମିଳିବ । ଆୟରେ ଅଗ୍ରଗତି ହେବ । ବନ୍ଧୁ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।



**ତୁଳା:** ସମସ୍ତଙ୍କ ପ୍ରିୟପାତ୍ର ହେବେ । ପ୍ରଶଂସା ଲାଭ ହେବ । ପାରିବାରିକ ସହଯୋଗ ମିଳିବ । ରୋଜଗାର ଭଲ ହେବ । ପରିଶ୍ରମ କଷ୍ଟ ଅଧିକ ହେଲେ ବି ପ୍ରାଧାନ୍ୟତା ବୃଦ୍ଧି ପାଇବ । ମନ ଖୁସି ରହିବ ।



**ବିଛା:** ପାରିବାରିକ ଜଞ୍ଜାଳ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ପ୍ରକାଶ ପାଇବ । ଦୁଶ୍ଚିନ୍ତା ବଢିବାର ସୂଚନା । ମାଲିମକଦ୍ଦମାର ଶୁଣାଣି ବିଳମ୍ବ ହେବ । ଶରୀର ଅସୁସ୍ଥ ରହିବ ।



**ଧନୁ:** ମନୋବଳ ଦୃଢ ହେବ । ସବୁ କଥାକୁ ଆଗ୍ରହ ସହକାରେ କରିବେ । ଆୟ ଭଲ ହେବ । ଘରୋଇ ସହଯୋଗ ବୃଦ୍ଧି । ଉତ୍ତମ ଭୋଜନରେ ଆପାୟିତ ହେବେ । କଥାର ମୂଲ୍ୟ ବଢିବ । ଦେହ ଭଲ ରହିବ ।



**ମକର:** ଆଜି ଆପଣ ଜଗିରଖି ଚଳିବେ । ନଚେତ୍ ସମ୍ମାନ ହାନି ଘଟିପାରେ । ସହକର୍ମୀ ସହଯୋଗ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆଶ୍ୱସ୍ତି ଲାଭ ହେବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** କଥା ଦେଇଥିବା ବନ୍ଧୁଟି ଆପଣଙ୍କୁ ଠକିବା ପାଇଁ ଚେଷ୍ଟା କରିବେ । ପ୍ରତାରିତ ହେବାର ଆଶଙ୍କା । ଏଣୁ ସରଳତା ପରିହାର କଲେ ଭଲ । ଆୟ ଠାରୁ ବ୍ୟୟର ପରିମାଣ ବଢିବ । ଘରେ ଆନନ୍ଦ ଦେଖାଦେବ ।



**ମୀନ:** କର୍ମକ୍ଷେତ୍ରରେ ପରଖିଲେ ପରିମାଣ ବୃଦ୍ଧି ହେବ । ଆଶାନୁରୂପ ଫଳ ମିଳିବ ନାହିଁ । ପାରିବାରିକ ଶାନ୍ତି ଲାଭ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବାର ସୂଚନା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୩ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୯ଙ୍କ

**ତା୧୧।୧୦।୨୦୨୫, ଆଶ୍ୱିନ ଦି୨୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୪୦।୦୫ ଚନ୍ଦ୍ରୋଦୟ-ରାଘ୮।୫୯।୧୦**

**ପଞ୍ଚମୀ-**ଦିଘ ୪।୪୪ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଦିଘ ୩।୨୧ ପର୍ଯ୍ୟନ୍ତ । **ବୃଷଚନ୍ଦ୍ର-** ରାଘ ୨।୨୫ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୨।୨୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୨।୨୫ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପଣସ ଦିଘ ୪।୪୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୭ ଗତେ ଘ ୮।୩୮ ମଧ୍ୟେ । ଦିଘ ୨।୨୮ ଗତେ ଘ ୩।୦୩ ମଧ୍ୟେ । **ପର୍ବୋତ୍ସବ-** ବାଜି ରାଉତ ଶହୀଦ ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଅର୍ଥନୈତିକ ସୁଧାର ପ୍ରଭାବରେ ବଢ଼ିଲା ନିଯୁକ୍ତି

ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା। ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି। ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା। ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର ୪.୫ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା। ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ। ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି। ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା। ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା। ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି। ମୌସୁମୀ ବର୍ଷା ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି। ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ୍ୟ ରହିଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୮)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ରାଜା ଗୋପୀନାଥ ନରେନ୍ଦ୍ରଙ୍କ ଠାରୁ ବିଶିଷ୍ଟ ଆଧାତ୍ମିକ ବିଦ୍ୱାନ, ଭକ୍ତ ପ୍ରବର ଗୈରୀକ ବସନ ପରିହିତ ସନ୍ନ୍ୟାସୀ ବିଶର ମହାନ୍ତି ଜଗନ୍ନାଥଙ୍କ ବ୍ରହ୍ମମଣିକୁ ଗଡ କୁଜଙ୍ଗର ମହାବୀର ବାଟିକାରେ ସୁରକ୍ଷିତ ରଖି ଉପାସନା କରିବାର ଅଖଣ୍ଡ ସ୍ୱୀକୃତି ହାସଲ କରିବା ପରେ ତାଙ୍କର ମନ ଏତେ ଆନନ୍ଦିତ ହୋଇଗଲା ଯେ ନିର୍ମଳ ମେଘମୁକ୍ତ ଆକାଶ ଆଡକୁ ଲକ୍ଷ୍ୟ କରି ନିଜର ଦୁଇବାହୁକୁ ଉତ୍ତୋଳନ କରୁ କରୁ ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ଶବ୍ଦରେ ବନ ଭୂମିକୁ ପ୍ରକମ୍ପିତ କରିଦେଲେ। ଆଖିରୁ ଝରି ଯାଉଥାଏ ଆନନ୍ଦାଶ୍ରୁ। ମହାରାଜ ବିଶର ମହାନ୍ତିଙ୍କୁ ସ୍ୱୀକୃତି ପ୍ରଦାନ କରି କେତେବେଳ ଠାରୁ କୁଜଙ୍ଗ ଗଡ ପ୍ରତ୍ୟାବର୍ତ୍ତନ କରିଗଲେଣି। ଗୃହ ମାଲିକ ବୃଦ୍ଧ ଆଦିକନ୍ଦଙ୍କ ସହାୟତାରେ ନିର୍ମାଣ କଲେ ଏକ ଶୁଖିଲା କାଠର ମଞ୍ଚ, ଯେଉଁ ମଞ୍ଚ ଉପରେ ରହିଛି ମହାପ୍ରଭୁଙ୍କର ବ୍ରହ୍ମମଣୀ ମୁଦିତ ମୃଦଙ୍ଗ। ହରିଶପୁରର ସାଧବପୁଅମାନେ ଉଦୟବଟରେ ବିଶର ମହାନ୍ତିଙ୍କୁ ପ୍ରଦାନ କରିଥିବା ଅତ୍ୟନ୍ତ ଦୁର୍ଲ୍ଲଭ ପାଟବସ୍ତ୍ରରେ ଆଚ୍ଛାଦିତ କଲେ ମୃଦଙ୍ଗଙ୍କୁ ବିଶର ମହାନ୍ତି। ଅରଣ୍ୟ ମଧ୍ୟରୁ ବିଭିନ୍ନ ସୁବାସିତ ଫୁଲ ଗୁଡିକ ଆଣି ସେଗୁଡିକ ହାର କରି ସେହି ମୃଦଙ୍ଗଙ୍କୁ ସଜାଇ ଦେଲେ। ବଡ ବିଚିତ୍ର ଦୃଶ୍ୟମାନ ହେଉଥାଏ ବ୍ରହ୍ମମଣୀ ମୁଦିତ ମୃଦଙ୍ଗ। ବାରମ୍ବାର ବିଭୋର ହୋଇ ପଡୁଛନ୍ତି ଜଗନ୍ନାଥଙ୍କ ରୂପକଳ୍ପକୁ ଚିନ୍ତାକରି। ମଣିଷର ଆନନ୍ଦର ସମୟ ଉପସ୍ଥିତ ହେଲେ ବିଭୋରହୁଏ, ଉନ୍ମତ୍ତ ହୁଏ, ମନ, ହୃଦୟ ନାଚିଉଠେ, ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଏ ପ୍ରକ୍ରିୟା କେବଳ ମଣିଷ ତା'ର ବ୍ୟକ୍ତିଗତ ସ୍ୱାର୍ଥପୂରଣ ହୋଇଗଲା ଭାବି ଉଲ୍ଲସିତ ହୋଇଥାଏ, କିନ୍ତୁ ଏଠାରେ ବିଶର ମହାନ୍ତିଙ୍କ ମନରେ ଯେଉଁ ମହାଆନନ୍ଦର ଉତ୍ତାଳ ତରଙ୍ଗ ଖେଳି ଯାଉଛି ତାହା ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନୁହେଁ। ଏ ମହାଆନନ୍ଦ ଓଡ଼ିଶାର ଇଷ୍ଟଦେବ ମହାବାହୁଙ୍କର ଲୀଳାମୟତାକୁ ବାରମ୍ବାର ସ୍ମରଣ କରିବା ଉଦ୍ଦେଶ୍ୟରେ। ବିଶର ମହାନ୍ତିଙ୍କ ଓଷ୍ଠ ଧାରରେ ଯେଉଁ ସ୍ମିତ ହାସ୍ୟରେଖା ଫୁଟି ଉଠୁଛି, ସେଭଳି ଆନନ୍ଦ ଅତ୍ୟନ୍ତ ଦୁର୍ଲ୍ଲଭ। କାଷ୍ଠ ମଞ୍ଚ ଉପରେ ଅତି ସୁରକ୍ଷିତ ଭାବେ ଅବସ୍ଥାପିତ କରିସାରିବା ପରେ ମଧ୍ୟାହ୍ନ ଭୋଜନ ସମାପ୍ତ କଲେ ବିଶର ସେହି ବୃଦ୍ଧ ଆଦିକନ୍ଦଙ୍କ ଗୃହରେ। ସେହି ଦରଭଙ୍ଗା ଗୃହହେଲା ବିଶର ମହାନ୍ତିଙ୍କର ମର୍ତ୍ତ୍ୟ ବୈକୁଣ୍ଠ। ନିରାଶ୍ରୟ କପୋତ ପକ୍ଷୀଟିଏ ଘୂରି ଘୂରି କ୍ଳାନ୍ତ ହୋଇଯାଇ ଯେତେବେଳେ ଆଶ୍ରୟ ପାଇ ଯାଏ, ଆଜି ଠିକ୍ ସେହିଭଳି ଏକ ସୁରକ୍ଷିତ ସ୍ଥାନଟିଏ ପାଇ ଯାଇଛନ୍ତି ବିଶର ମହାନ୍ତି। ବୃଦ୍ଧ ଆଦିକନ୍ଦଙ୍କ ଗୃହ। ଘରଟି ପତ୍ର କୁଡିଆ ହୋଇପାରେ। କୁଡିଆରେ ବାସ କରୁଥିବା ମଣିଷ ଦରିଦ୍ର ହୋଇ ପାରନ୍ତି, କିନ୍ତୁ ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ଆତ୍ମୀୟତାର ଆବେଦନ ଏତେ ସୁଦୃଢ଼ ଯେ ତାହାର କଳ୍ପନା କରିବା ଅସମ୍ଭବ। ଆଜି ସେହିଭଳି ଏକ ଦରଭଙ୍ଗା କୁଟୀରକୁ ସ୍ୱର୍ଣ୍ଣାଭ ପ୍ରାସାଦ ଭଳି ମନେ କରି ବିଶର ସେହି ଖଣ୍ଡାୟତ ଗୃହରେ ଅବସ୍ଥାନ କରିବା ପାଇଁ ମନେ ମନେ ନିଷ୍ପତ୍ତି କରିନେଲେ। ବିଳମ୍ବିତ ଅପରାହ୍ନ। ଗହନ ଅରଣ୍ୟ ମଧ୍ୟରେ ବୃଦ୍ଧ ଆଦିକନ୍ଦଙ୍କ ସହାୟତାରେ ନିର୍ମିତ କରାଯାଇଥିବା କାଷ୍ଠମଞ୍ଚ ଉପରେ ବିଶର ବିରାଜମାନ କରାଇ ସାରିଛନ୍ତି ବ୍ରହ୍ମମଣି ଗୁଡିକ ଅତ୍ୟନ୍ତ ସୁରକ୍ଷିତ ଭାବେ ବହନ କରୁଥିବା ମୃଦଙ୍ଗଟିକୁ। ଶାନ୍ତ ସୁଶୀତଳ ସମୀରଣରେ ଆନ୍ଦୋଳିତ କରୁଥିବା ପଲ୍ଲବିତ ଅରଣ୍ୟ ଆଜି ଧନ୍ୟ ହୋଇଯାଉଛି ମହାପ୍ରଭୁଙ୍କର ଆଗମନରେ। (କ୍ରମଶଃ)

# ମୋତେ ଯେତେ ମାଠିବୁ ମାଠ...

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ସଂପୂର୍ଣ୍ଣ ଆପ୍ତ ବାକ୍ୟଟି ହେଲା ମୋତେ ଯେତେ ମାଠିବୁ ମାଠ, ମୁଁ ତ ସେଇ ଦରପୋଡ଼ା କାଠ। ସଂସ୍କୃତରେ ମଧ୍ୟ ଅନେକଟା ଏଇଭଳି କଥାଟିଏ ଅଛି, ଯାର ଓଡ଼ିଆ ହେଲା- ଅଙ୍ଗାରକୁ ଶହେ ଥର ଧୋଇଲେ ବି ତାର କଳା ରଙ୍ଗ ଯିବନି।

ତ ଏ ଆପ୍ତବାକ୍ୟର ଭାବଟି ହେଲା – ଆପଣ ଯେତେ ଯାହା ଚେଷ୍ଟା ଚରିତ୍ର କଲେ ବି ଆମେ ସୁଧୁରିବୁ ନାହିଁ। ଯେମିତିକୁ ସେମିତି ରହିବୁ। ପାହୁଣ୍ଡେ ହଟିବୁନି। ...ହଟିବା କଥାରୁ ମନେ ପଡ଼ିଲା। ଗତକାଲିର ଘଟଣା। ସନ୍ଧ୍ୟା ବେଳ। ରାସ୍ତା ଉପରେ ମଟର-ସାଇକଲ ରଖି ଗପୁଥିଲେ ଚାରି ପାଞ୍ଚ ଜଣ ତରୁଣ। ସମସ୍ତେ ଶିକ୍ଷିତ। ଅନ୍ତତ ସ୍କୁଲ କଲେଜ ଦୁଆର ମାଡ଼ିଥିଲା ଭଳି ମନେ ହେଉଥିଲା। ସମସ୍ତଙ୍କୁ ଜଣା ଯେ ରାସ୍ତା ଉପରେ ସାଇକେଲ ରଖି ଠିଆ ହୋଇ ରହିଲେ ଯାନବାହନ ଚଳାଚଳରେ ଅସୁବିଧା ହେବ। ଟିଭି ରେଡ଼ିଓରେ ବାରମ୍ବାର କୁହାଯାଉଛି ଯେ ରାସ୍ତା ଅବରୋଧ କରି ଠିଆ ହୋଇ ରହନ୍ତୁ ନାହିଁ। କିନ୍ତୁ ତଥାପି ସେମାନେ ସେଭଳି ଠିଆ ହୋଇଥିଲେ କାହିଁକି ? ଏ କାହିଁକିର ଉତ୍ତର ନାହିଁ।

ଅନେକ କହନ୍ତି ଠିକିଲେ ଶିଖିବ, ଅର୍ଥାତ୍ କିନା ଯେଉଁ କାମଟା ଆପଣ କରୁଛନ୍ତି, ବାରମ୍ବାର ମନାକଲା ପରେ ବି କରୁଛନ୍ତି। ତାର ପରିଣାମ ଥରେ ଭୋଗିଲେ ଆଉ ସେ କାମ କରିବେ ନାହିଁ। କିନ୍ତୁ ଯେତେ ମାଠିବୁ ମାଠ ଗୋଷ୍ଠିର ଲୋକଙ୍କୁ ତା ବି କାବୁ କରିବ ନାହିଁ। ଗପଟିଏ କହେ। ନା ରୁହନ୍ତୁ। ତା ପୂର୍ବରୁ ଯେତେ ମାଠିବୁ ମାଠ ଗୋଷ୍ଠିର କଥାଟା କ୍ଲିଅର କରିଦିଏ। ଏ ପୃଥିବୀରେ ଦୁଇ ଜାତିର ଲୋକ ଅଛନ୍ତି। ଦଳେ ଅଛନ୍ତି – ପରିମାଣ କଥା ଭାବି କିମ୍ବା ଥରେ ଦୁଇଥର ଠକିଯାଇ ନିଜକୁ ସୁଧାରି ନିଅନ୍ତି। ଆଉ ଦଳେ ଅଛନ୍ତି – ଯେତେ ଯାହାହେଲେ, ଯେତେ ଭୋଗିଲେ ବି ବଦଳିନ୍ତି ନାହିଁ। ସେମାନଙ୍କୁ ମୁଁ ଯେତେ ମାଠିବୁ ମାଠ ଗୋଷ୍ଠିର ଲୋକ ବୋଲି କହେ। ମୋର ପୂଜନୀୟ ପିତା ମଧ୍ୟ ସେହି ଗୋଷ୍ଠୀର। ସେ ବହୁତ ସିଗାରେଟ୍ ପିଅନ୍ତି। ସିଗାରେଟ୍‌ର କୁ-ପ୍ରଭାବ ପଡ଼ିଲାଣି – ସ୍ୱାସ୍ଥ୍ୟ ଉପରେ। ଘରଲୋକ, ସାଙ୍ଗସାଥି ଡାକ୍ତର ଓଗେର ସମସ୍ତେ କହିଲେଣି – ସିଗାରେଟ ଛାଡ଼ନ୍ତୁ। କିନ୍ତୁ ପିତା ମୋର ଏଯାବତ୍ ସିଗାରେଟ ପିଇବା ଛାଡ଼ି ନାହାନ୍ତି। ତାଙ୍କ ପରି ଆହୁରି ଅନେକ ଅଛନ୍ତି ଏ ମହୀରେ।

ଛାଡ଼ନ୍ତୁ, ଗପଟିଏ ଶୁଣନ୍ତୁ। ଜଣେ ଲୋକ ଧରାଯାଉ ତାଙ୍କ ନାଁ ଯଦୁବାବୁ ପ୍ରତିଦିନ ମଦ ପିଅନ୍ତି। ତାଙ୍କ ସ୍ତ୍ରୀ ପ୍ରତିଦିନ ତାଙ୍କୁ ବୁଝାନ୍ତି। ଏତେ ଗୁଡ଼ା ପଇସା ଅଯଥାରେ ବରବାଦ କରୁଛନ୍ତି ବୋଲି ଗାଳି ଫଜିତ୍ ବି କରନ୍ତି। କିନ୍ତୁ ଯଦୁବାବୁ ବୁଝିବା ଜନ୍ତୁ ନୁହନ୍ତି। ଦିନେ ରାତିରେ ଯଦୁବାବୁ ଖୁବ୍ ମାତାଲ ହୋଇ ଭାରି ଉତ୍ପାତ କଲେ ରାସ୍ତାରେ। ଶେଷକୁ ପଡ଼ିଲେ ଯାଇ ରାସ୍ତାକଡ଼ ନର୍ଦ୍ଦମାରେ। ପୋଲିସ୍ ତାଙ୍କୁ ନେଇ ହାଜତରେ ରଖିଦେଲା। ପରଦିନ ତାକୁ ଅଦାଲତକୁ ଚାଲାଣ କରାଗଲା। ଅଦାଲତରେ କାଠଗଡାରେ ଠିଆ ହୋଇଛନ୍ତି ଯଦୁବାବୁ। ତାଙ୍କ ଧୋତି ପଞ୍ଜାବୀରେ ପଙ୍କ କାଦୁଅ। ଜାଗା ଜାଗାରେ ଚିରି ଯାଇଛି, ଚଷମାଟା ଭାଙ୍ଗି ଯାଇଛି। ମୁଣ୍ଡବାଳ ଅବିନ୍ୟସ୍ତ। ମୋଟ ଉପରେ ଏକଦମ୍ କେଳେଙ୍କାରୀ ଅବସ୍ଥା। ବିଚାରପତି ଯଦୁବାବୁଙ୍କ ଅବସ୍ଥା ଦେଖି ତାଙ୍କ ରାୟ ଶୁଣାଇ ଦେଲେ : ମଦ ପିଇ ମାତଲାମି କରୁଥିଲା। ୨୫୦ ଟଙ୍କା ଫାଇନ୍। ଯଦୁବାବୁ ବିଚାରପତିଙ୍କ ରାୟ ଶୁଣି କହିଲେ : ହଜୁର ମୋର ଗୋଟେ କଥା ପଚାରିବାର ଅଛି।

– କଣ ?

–ହଜୁର, ଏ ଯେଉଁ ପଚିଶ ଟଙ୍କା ମୁଁ ଯେଉଁ ଫାଇନ୍ ଦେବି ତାର ଗୋଟେ ରସିଦ୍ ପାଇବିତ ?

–ହଁ, ପାଇବ। ବିଚାରପତି ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ କିନ୍ତୁ ସେ ରସିଦ୍ ତୁମେ କରିବ କଣ ?

–ମୋ ସ୍ତ୍ରୀକୁ ଦେଖେଇବି। ସେ ବୁଝୁ। ସବୁ ଟଙ୍କା ମୁଁ ମଦ ପିଇ ବରବାଦ୍ କରିନି। ଆହୁରି ବହୁ ବାଟେ ମୋ ଟଙ୍କା ଖର୍ଚ୍ଚ ହୋଉଛି।

ଏ ଗପରୁ ଜଣା ପଡ଼ିଲା ଯଦୁବାବୁ କଣ ମଦପିଇ ମାତାଲ ହେବାର ପରିଣତି ଦେଖି ମଦ ଛାଡ଼ିବା କଥା ଚିନ୍ତା କରୁଛନ୍ତି ନୋ ସାର। ଅଧିକାଂଶ ମୋତେଯେତେ ମଠିବୁ ମାଠ ଗୋଷ୍ଠିର ଲୋକେ ଠିକ୍ ଏଇ କାମଟି କରନ୍ତି। ସେ ଯେଉଁ କାମଟି କରୁଥାନ୍ତି, ତାକୁ ବଜାୟ ରଖିଥାନ୍ତି ଆଉ କାମର ପରିଣତିଟିକୁ ଏକ ଭିନ୍ନ ଘଟଣା ବୋଲି ଚିତ୍ରଣ କରିବାର ଚେଷ୍ଟା କରନ୍ତି। ସେ ଘଟଣାର କାରଣ ଯେମିତି ଅଲଗା, କିଛି ଏବଂ ସେ କାରଣ ଗୁଡ଼ିକ ତାଙ୍କ ଅକ୍ତିଆର ବାହାରେ। ମୁଁ କଣ କରିବି, ଅମକ ଏବଂ ଅମକ କାରଣ ଯୋଗୁଁ ମୋତେ ପରା ବାଧ୍ୟ ହୋଇ ଏ କାମ କରିବାକୁ ପଡୁଛି। ନ ହେଲେ ମୁଁ କଣ କରନ୍ତି କି ?

ମଣିଷର ପ୍ରକୃତି ବୋଧହୁଏ ଏଇଆ। ଆଗରୁ ଯେଉଁ କହିଥିଲି, ଦୁଇ ଜାତିର ମଣିଷ ସେଟା ଭୁଲ। ଏ ସାରା ମଣିଷ ଜାତିଟା ମୋତେ ଯେତେ ମାଠିବୁ ମାଠ ଗୋଷ୍ଠୀର। ଶହେ ଥର ଚେଙ୍କିଲେ ବି ଶିଖିବୁ ନାହିଁ। ଇଂରାଜୀରେ କଥାଟିଏ ଅଛି, ତାହାର ଓଡ଼ିଆ ଅନୁବାଦ ହେବ ଏପ୍ରକାର: ଇତିହାସ ଆମକୁ ଦେଖାଏ ଯେ, ଇତିହାସରୁ ଆମେ କିଛି ଶିଖୁନୁ। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଦେଖନ୍ତୁ। ପୃଥିବୀର ଇତିହାସ ଦେଖନ୍ତୁ। ଯୁଦ୍ଧ ଆଉ ଯୁଦ୍ଧ। ରକ୍ତକ୍ଷୟ, ଲୋକକ୍ଷୟ, ଦୁଃଖଯନ୍ତ୍ରଣାର ଲମ୍ବା ଲମ୍ବା କାହାଣୀ। ମଝିରେ ମଝିରେ ଧର୍ମଗୁରୁମାନଙ୍କ ଅଭ୍ୟୁଦୟ ହୋଇଛି। ସେମାନେ ଶାନ୍ତିର ବାଣୀ ଶୁଣେଇଛନ୍ତି। କିଛି ଦିନ, କିଛି ବର୍ଷପାଇଁ ହୁଏତ ଅବସ୍ଥା ଶାନ୍ତ ହୋଇଛି। ଶାନ୍ତିଫେରିଛି। ପୁଣି ଯଉ କଥାକୁ ସେହିକଥା। ମରାମରି, ହାଣକାଟ। ଆପଣ ଯଦି ତାର କାରଣ ଖୋଜିବେ, ଦେଖିବେ ଅଧିକାଂଶ କ୍ଷେତ୍ରରେ ନିହାତି ତୁଚ୍ଛ କାରଣରୁ ଗଣ୍ଡଗୋଳର ସୂତ୍ରପାତ ହୁଏ। ସେ ତୁଚ୍ଛ କାରଣରୁ ଏତେ ବିରାଟ ବିରାଟ ଯୁଦ୍ଧ କେମିତି ହେଉଛି – ତାର କାରଣ ଖୋଜିବାକୁ ଗଲେ ପୁଣି ମଣିଷ ପାଖକୁ ଫେରିବାକୁ ପଡ଼ିବ। ମଣିଷର ଅହଙ୍କାର, ତାର ଅଭିଳାଷ, ଅନ୍ୟକୁ ଦବାଇ ନିଜେ ବଡ଼ ହେବାର ଆକାଂକ୍ଷା– ଏଇଗୁଡ଼ିକ ହେଲା କାରଣ। ତାକୁ କିଛି ଚାଲାକ ମଣିଷ ଅନ୍ୟ କିଛି କଥାର ଚକମକ ଖୋଳ ପିନ୍ଧେଇ ଦିଅନ୍ତି। ସ୍ୱାଭିମାନ, ସମ୍ମାନ, ଇଜ୍ଜତ ଆଦି ଶବ୍ଦର ଚକମା ପିନ୍ଧେଇ ଦିଅନ୍ତି ସେ ଖୋଳରେ। ଆମେ ମୂଢ଼ମାନେ ସେ ଖୋଳକୁ ଦେଖି ବାଇ ହଉ। ଖୋଳ ଭିତରେ ମଣିଷଟିର ଅସଲ ଚେହେରାଟା ଆଦୌ ଧରିପାରୁନା। ସାମ୍ପ୍ରଦାୟିକ ଦଙ୍ଗା କଥା ଧରନ୍ତୁ। ପୃଥିବୀର କୌଣସି ଧର୍ମ – ହିଂସା ଶିଖାଏନି। ଘୃଣା, ବିଦ୍ୱେଷ, ଶିଖାଏନି। କିନ୍ତୁ ଧର୍ମ ନାଁରେ ହିଂସା ହେଉଛି। ଏବେ ବି ହଉଛି। ଘୃଣା ବିଦ୍ୱେଷ, ଅବିଶ୍ୱାସର ବିଷାକ୍ତ ଧୂଆଁରେ ସ୍ୱୟଂ ଧର୍ମ ଆଜି ଅଣନିଶ୍ୱାସୀ। ଏମିତି କାହିଁକି ହଉଛି ? କିଏ ବୁଣୁଛି ହିଂସାର ମଞ୍ଜି ? କିଏ ତୋଳୁଛି ଭିନ୍ନଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କ ଭିତରେ ଅବିଶ୍ୱାସର ପ୍ରାଚୀର ? ଆମ ଆଖିରେ ଲାଗିଥିବା ଅନ୍ଧ ଆବେଗର କଳା ଚଷମାକୁ ଖୋଲିଦେଲେ ଆମେ ଜାଣିପାରିବା- ଏସବୁ ମୂଳରେ କେଉଁମାନେ ଅଛନ୍ତି। ଆଉ ଟିକେ ତଳେଇ ଭାବିଲେ, ଜାଣିପାରିବା – କାହିଁକି ସେମାନେ ଏମିତି କରୁଛନ୍ତି। କାରଣଟି କେତେବେଳେ ଭୋଟ, ତ କେତେବେଳେ ନୋଟ। କେତେବେଳେ କ୍ଷମତା ତ କେତେବେଳେ ଶସ୍ତାରେ ଗୋଟେ ସମ୍ପ୍ରଦାୟର ନେତା ହୋଇ ଯିବାର ଅଶୁଭ ପ୍ରବଣତା। ଧର୍ମ ନାଁରେ ଯେତେ ସହଜରେ ଗୋଟେ ଗୋଷ୍ଠୀକୁ ଆଉ ଗୋଟେ ଗୋଷ୍ଠୀ ବିରୁଦ୍ଧରେ ଲଗାଯାଇ ପାରେ, ସେତେ ସହଜରେ ଆଉ କିଛି ହୁଏନି। ହୋ ଟିଏ କରିଦେଲେ ହେଲା: କୁଆ ତମ କାନ ନେଇ ପଳେଇଲା। ପାଟି କଲା ମାତ୍ରେ ଆମେ ନିଜ କାନରେ ହାତ ମାରି ଅଙ୍ଗଟି ଠିକ୍ ଠାକ୍ କିଛି କି ନାହିଁ ନ ଦେଖି ଧାଇଁଲୁ ରାସ୍ତାର କୁଆ ପଛରେ। ଏମିତି ବାରମ୍ବାର ଠକିଲେ ବି ଆମର ବୁଦ୍ଧି ହେଉନି। ତଥାପି, ଆମେ ଧାଉଁଛୁ ଉଡୁଥିବା କୁଆ ପଛରେ।

# ଅତିବଡ଼ି ଜଗନ୍ନାଥ ଦାସ : ଏକ ବିହଙ୍ଗାବଲୋକନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ ହେଉଛନ୍ତି ଜଣେ ଅମର ସ୍ରଷ୍ଟା। ଓଡ଼ିଆ ଜାତି ପାଇଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକ ଶ୍ରେଷ୍ଠ ଅବଦାନ। ତାଙ୍କ ରଚିତ ଭାଗବତ ଓଡ଼ିଶାର ଘରେ ଘରେ ଆଦୃତ। ଏକାଧାରରେ ସେଥିଲେ ଧର୍ମପ୍ରଚାରକ, ସମାଜସଂସ୍କାରକ, ପରମ ବୈଷ୍ଣବ ଏବଂ ମହାକବି। ଆଗେ ଆମ ଓଡ଼ିଶାର ଗାଁ ଗାଁରେ ଥିଲା ଭାଗବତ ଟୁଙ୍ଗୀ। ପୂଜା ପାଉଥିବା ଏଇ ତାଳପତ୍ର ପୋଥିଙ୍କୁ ଲୋକେ ଭକ୍ତିରେ କହୁଥିଲେ ଭାଗବତ ଗାଦି। ପ୍ରତିଦିନ ସନ୍ଧ୍ୟା ସମୟରେ ବ୍ରାହ୍ମଣ ପଣ୍ଡିତ ଭାଗବତ ପାଠ କରନ୍ତି। ଲୋକେ ଏକାଠି ବସି ପଣ୍ଡିତଙ୍କ ମୁହଁରୁ ଭାଗବତ ଶୁଣନ୍ତି। ଯେଉଁଠାରେ କଷ୍ଟ ଲାଗେ ପଣ୍ଡିତ ମହାଶୟ ସରଳ ଭାଷାରେ ବୁଝାଇଦିଅନ୍ତି। ପୁଣ୍ୟାତ୍ମା ଜଗନ୍ନାଥ ଦାସ ହେଉଛନ୍ତି ଏହି ଓଡ଼ିଆ ଭାଗବତର ରଚୟିତା। ସେ ସଂସ୍କୃତ ଭାଗବତକୁ ଆକ୍ଷରିକ ଓଡ଼ିଆ କରିନାହାନ୍ତି। ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ଏହି ଭାଗବତକୁ ଲେଖିଯାଇଛନ୍ତି। ଜଗନ୍ନାଥ ଦାସ ପଣ୍ଡିତମାନଙ୍କ ପାଇଁ ଏହି ଭାଗବତ ରଚନା କରି ନ ଥିଲେ, ସେ ଲେଖିଥିଲେ ଉତ୍କଳର ଅଗଣିତ ନିରକ୍ଷର ଜନତାଙ୍କ ପାଇଁ। ଯେଉଁଠି ଓଡ଼ିଆ, ଯେଉଁଠି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର, ସେଇଠି ରହିଛି ଏହି ଓଡ଼ିଆ ଭାଗବତ। ଏବେ ବି ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପାଯାଇ ପାଠ କରାଯାଉଛି। ଜଗନ୍ନାଥ ଦାସଙ୍କ ଭାଗବତରୁ ପଦିଏ କାନରେ ପଡିଲେ ମନରେ ଓଡ଼ିଆତ୍ୱ ଭାବ ସଞ୍ଚରି ଉଠେ। ଜଗନ୍ନାଥ ଦାସଙ୍କ ଭାଗବତର ଅମର ପଂକ୍ତି ଗାଉଁଲି ଖଟିଖିଆ ଚାଷୀଙ୍କ ମୁହଁରୁ ବାହାରି ଆସେ- 'ଏ ଭାଗବତର ମହିମା, କେ ଚିନ୍ତିପାରେ ଗୁଣସୀମା'। 'ସକଳ ଶାସ୍ତ୍ରଫଳ ଏହି, ଶ୍ରୀଭାଗବତ ନାମ ବହି।' 'କହଇ ଦାସ ଜଗନ୍ନାଥ, କୃଷ୍ଣ ଚରିତ ଭାଗବତ।' 'କଳ୍ପନା ମୁଖେ କାଳ ଥାଇ, ପ୍ରାଣୀ ତା ଜାଣି ନ ପାରଇ।' 'ଆତ୍ମା କୁଶଳେ ସର୍ବସିଦ୍ଧି, ତରଇ ସଂସାର ବାରିଧି।' 'ଆତ୍ମାକୁ ଆତ୍ମା ଯେହୁ ସ୍ମରେ, ପରମାନନ୍ଦରେ ବିହରେ।' 'ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ।' ଇତ୍ୟାଦି। ଜଗନ୍ନାଥ ଦାସଙ୍କ ଭାଗବତ ହେଉଛି ଓଡ଼ିଆ ଜାତୀୟତାର ପ୍ରତୀକ। ଓଡ଼ିଆ ଜାତିକୁ ଏହି ଭାଗବତ ଏକତା ସୂତ୍ରରେ ବାନ୍ଧିରଖିଛି।

ଏହି ମହାତ୍ମା ୧୪୯୦ ମସିହା ଭାଦ୍ରବ ମାସ ଶୁକ୍ଳ ପକ୍ଷ ରାଧାଷ୍ଟମୀ ଦିନ ପୁରୀ ସ୍ଥିତ କପିଳେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଗବାନ ଓ ମାତାଙ୍କ ନାମ ପଦ୍ମାବତୀ ଦେବୀ। ବାଲ୍ୟକାଳରୁ ଜଗନ୍ନାଥ ଦାସଙ୍କ ମନରେ ଭକ୍ତିଭାବ ଅଙ୍କୁରିତ ହୋଇଥିଲା। ସଂସ୍କୃତ ଭାଷା ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହିଥିଲା। ତାଙ୍କର ଦୀକ୍ଷାଗୁରୁ ଥିଲେ ବଳରାମ ଦାସ। ପ୍ରଥମେ ଅତିବଡ଼ି ଜଗନ୍ନାଥଙ୍କ ପିତା ଭଗବାନ ସେଠାରେ ଭାଗବତ ପାଠ କରୁଥିବାବେଳେ ତାଙ୍କ ଅନ୍ତେ ଜଗନ୍ନାଥ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ। ସେତେବେଳେ ସଂସ୍କୃତରେ ଭାଗବତ ପଢ଼ା ହେଉଥିଲା; ଯାହାକୁ ଭକ୍ତମାନେ ସହଜରେ ବୁଝିପାରୁ ନ ଥିଲେ। ଏହି ରୀତିକୁ ପରିବର୍ତ୍ତନ କରିବାକୁ ଚିନ୍ତା କରି ସେ ସଂସ୍କୃତ ଭାଗବତର ମୌଳିକତାକୁ ବଜାୟ ରଖି ତାହାକୁ ଅତି ସରଳ ଓ ପ୍ରାଞ୍ଜଳ ଭାବରେ ଓଡ଼ିଆରେ ଅନୁବାଦ କରିଥିଲେ। ଯାହାକି ପରବର୍ତ୍ତୀ ସମୟରେ ଘରେ ଘରେ ଲୋକାଦୃତ ହୋଇପାରିଥିଲା। ଜଗନ୍ନାଥ ଦାସ ରାଧାଷ୍ଟମୀରେ ଜନ୍ମ ହୋଇଥିବାରୁ ଲୋକେ ତାଙ୍କୁ ସାକ୍ଷାତ୍ ରାଧାଙ୍କ ଅବତାର ବୋଲି ମାନ୍ୟ କରୁଥିଲେ। ବାଲ୍ୟକାଳରୁ ଜଗନ୍ନାଥ ଦାସ ଥିଲେ ଅଗାଧ ଜ୍ଞାନର ଅଧିକାରୀ। ପ୍ରାଥମିକ ଶିକ୍ଷା ଲାଭ କରୁଥିବା ସମୟରେ ସେ ପିତାଙ୍କଠାରୁ ଅମରକୋଷ ସମେତ ଅନ୍ୟ ବ୍ୟାକରଣ ପୁସ୍ତକ ଅଧ୍ୟୟନ କରି ହୋଇପାରିଥିଲେ ଭାଷାରେ ପ୍ରବୀଣ।

ଅଠର ବର୍ଷ ବୟସରେ ସେ ପୁରାଣଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଭାବେ ଖ୍ୟାତି ଅର୍ଜନ କଲେ। ବୟସ ବୃଦ୍ଧି ଫଳରେ ପ୍ରତ୍ୟହ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭାଗବତ ପଢ଼ିବାରେ ଲାଗିଲେ। ବଡ଼ ଦେଉଳର ଦକ୍ଷିଣ ଦିଗରେ ବାଟଗଣେଶଙ୍କ ପାଖରେ ପୁରାଣ ପାଠ ପାଇଁ ତାଙ୍କ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ କରିଦିଆଗଲା। ପ୍ରତ୍ୟହ ତାଙ୍କ ମୁଖରୁ ଭାଗବତ ଶୁଣିବା ପାଇଁ ସେଠାରେ ଲୋକେ ରୁଣ୍ଡ ହେଲେ। ଫଳରେ ପୁରାଣ ପାଠ ପାଇଁ ରାଜା ତାଙ୍କ ନିମନ୍ତେ ବୃତ୍ତି ଖଞ୍ଜିଦେଲେ। ଏବେ ବି ସେହି ବୃତ୍ତି ଖଞ୍ଜାହୋଇ ରହିଛି। ଜଗନ୍ନାଥ ଦାସଙ୍କୁ ଊଣେଇଶ ବର୍ଷ ହୋଇଥିବା ବେଳର କଥା। ଏହି ସମୟରେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ଆସିଲେ ଶ୍ରୀକ୍ଷେତ୍ର ପୁରୀକୁ। ବଟମୂଳରେ ଶ୍ରୀଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ସାକ୍ଷାତ୍ ହେଲା। ସେତେବେଳେ ଜଗନ୍ନାଥ ଦାସ ଭାଗବତ ଦଶମ ସ୍କନ୍ଧର ବ୍ରହ୍ମସ୍ତୁତି ଗାୟନ କରୁଥାଆନ୍ତି। ତାଙ୍କର ଜ୍ଞାନଗରିମା ଦେଖି ଶ୍ରୀଚୈତନ୍ୟ ତାଙ୍କ ଅନୁଗାମୀମାନଙ୍କୁ କହିଲେ, ଏ ଜଗନ୍ନାଥ ଦାସ ଏମିତି ସେମିତି ବ୍ୟକ୍ତି ନୁହନ୍ତି, ସେ ମହାପ୍ରଭୁ ଜଗନ୍ନାଥଙ୍କର ସଙ୍ଗୀ। ଜଗନ୍ନାଥ ଶ୍ରୀଚୈତନ୍ୟଙ୍କୁ ଗୁରୁ ଭାବରେ ସମ୍ମାନ ପ୍ରଦର୍ଶନ କରିବାରେ ଲାଗିଲେ। ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ବଳରାମ ଦାସ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସଙ୍କୁ ଦୀକ୍ଷା ପ୍ରଦାନ କରିଥିବା ଜଣାଯାଏ। ଫଳରେ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟ ଓ ବଳରାମ ଦାସଙ୍କୁ ଗୁରୁ ରୂପରେ ମାନିବାରେ ଲାଗିଲେ। ଜଗନ୍ନାଥ ଦାସଙ୍କ ଅସାଧାରଣ ପ୍ରେମଭକ୍ତି ଦେଖି ଦିନେ ଶ୍ରୀଚୈତନ୍ୟ ତାଙ୍କୁ କହିଲେ, ଦାସେ – ତୁମେ ଅତି ବଡ଼। ଏହା କହି ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟକୁ ଜଗନ୍ନାଥ ଦାସଙ୍କ ମୁଣ୍ଡରେ ବାନ୍ଧିଦେଲେ। ସେହିଦିନଠାରୁ ଲୋକେ ତାଙ୍କୁ ଅତିବଡ଼ ବା ଅତିବଡ଼ୀ ଗୋସ୍ୱାମୀ ଭାବରେ ସମ୍ବୋଧନ କରିବାରେ ଲାଗିଲେ। ସମ୍ରାଟ୍ ପ୍ରତାପରୁଦ୍ର ଜଗନ୍ନାଥ ଦାସଙ୍କୁ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ନିଜ ମହାରାଣୀଙ୍କ ନିର୍ମିତ ପ୍ରାସାଦରେ ରହିବା ପାଇଁ ସେ ଜଗନ୍ନାଥ ଦାସଙ୍କୁ ଅନୁରୋଧ କରିବାରୁ ସେଠାରେ ଜଗନ୍ନାଥ ଦାସ କିଛି କାଳ ଅବସ୍ଥାନ କରିଥିଲେ। ସେହି ସ୍ଥାନ ଆଧୁନିକ ଓଡ଼ିଆ ମଠ ଭାବରେ ଆଜି ପରିଚିତ। ସେଠାରେ ଜନଗହଳି ଲାଗିବାରୁ ଜଗନ୍ନାଥ ଦାସ ସମୁଦ୍ରକୂଳରେ ମଠ ନିର୍ମାଣ କରି ରହିଲେ। ସେହି ମଠ ବର୍ତ୍ତମାନ ସାତଲହଡ଼ି ମଠ ନାମରେ ପରିଚିତ। ବିଶ୍ୱ ଇତିହାସରେ ଏମିତି ଏକ ଗ୍ରନ୍ଥ ଯାହା ଗୋଟିଏ ନିର୍ଦ୍ଦିଷ୍ଟ ଜାତି ଦ୍ୱାରା ୫୦୦ ବର୍ଷ ଧରି ପ୍ରତିଦିନ ପାଠ କରାଯାଉଛି। ଏହି ଗ୍ରନ୍ଥର ନାଁ ହେଲା ଭାଗବତ। ଅତିବଡ଼ୀ ଜଗନ୍ନାଥ ଦାସ ହେଉଛନ୍ତି ଏହାର ଲେଖକ। ଓଡ଼ିଶାରେ ଜଗନ୍ନାଥ ଦାସଙ୍କ ଏହି ଗ୍ରନ୍ଥକୁ ପୂଜା କରାଯାଏ। ଏହି ଗ୍ରନ୍ଥର ଜନ୍ମଦିନ ପାଳନ କରାଯାଏ। ଏ ହେଉଛି ଓଡ଼ିଆ ଭାଗବତର ବିଶେଷତ୍ୱ। ଆମ ଭାଷାକୁ ବଞ୍ଚାଇ ରଖିଛି ଭାଗବତ'', ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ପୁରୀଧାମକୁ ଆସି ଜଗନ୍ନାଥ ଦାସଙ୍କ ମନରେ ଈଶ୍ୱରୀୟ ଭକ୍ତିଭାବନା ଦେଖି ଅତ୍ୟନ୍ତ ବିମୋହିତ ହୋଇଯାଇଥିଲେ। ଜଗନ୍ନାଥ ଦାସଙ୍କ ପାଣ୍ଡିତ୍ୟ ଏବଂ କବି ପ୍ରତିଭା ଦେଖି ଚୈତନ୍ୟ ତାଙ୍କୁ 'ଅତିବଡ଼ୀ' ବୋଲି ସମ୍ବୋଧନ କରିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଆ ସାହିତ୍ୟର ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଚୈତନ୍ୟ ଦେବଙ୍କ ପୁରୀ ଆଗମନ ସମୟରେ ସେ ଜଗନ୍ନାଥ ଦାସଙ୍କ ଭକ୍ତିଭାବରେ ପ୍ରୀତ ହୋଇ ସମ୍ମାନରେ ତାଙ୍କୁ 'ଅତିବଡ଼ୀ' ଡାକୁଥିଲେ। ବଳରାମ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁଅନନ୍ତ ଆଦି ଉତ୍କଳୀୟ ବୈଷ୍ଣବମାନଙ୍କ ସହିତ ଜଗନ୍ନାଥ ଦାସଙ୍କ ନିବିଡ଼ ସମ୍ବନ୍ଧ ରହିଥିଲା। ମଧ୍ୟଯୁଗୀୟ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଯେଉଁ ସଂସ୍କାରବାଦୀ ଓ ସୃଜନଶୀଳ କବିମାନଙ୍କର ଅବଦାନ ରହିଥିଲା ସେମାନଙ୍କ ମଧ୍ୟରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଓଡ଼ିଆ ସାହିତ୍ୟ ଇତିହାସରେ ପଞ୍ଚସଖା ଯୁଗର ଏହି ଅନ୍ୟତମ ସାଧକ ବହୁ ଯଶ ଓ ସମ୍ମାନର ଅଧିକାରୀ। ମହାପ୍ରଭୁଙ୍କ ପରମ ସେବକ ଜଗନ୍ନାଥ ଦାସ ଜଣେ ପ୍ରବୀଣ କବି ଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ନୂତନ ଦିଗଦର୍ଶନ ଦେବାରେ ତଥା ଓଡ଼ିଆ ଜାତିକୁ ସଂସ୍କୃତି ସମ୍ପନ୍ନ କରିବାରେ ସେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ''। ଓଡ଼ିଆ ଭାଗବତ ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି -ତୁଳାଭିଣା, ଅର୍ଥ କୋଇଲି, ଦାରୁବ୍ରହ୍ମ ଗୀତା, ମୃଗୁଣୀ ସ୍ତୁତି, ଗଜ ସ୍ତୁତି, ଦୂତୀବୋଧ, କ୍ଷେତ୍ରବର ଚଉତିଶା, ଗୁପ୍ତ ଭାଗବତ, ରାଧା ମଞ୍ଜରୀ, ଷୋଳ ଚଉପଦୀ, ପାଷାଣ୍ଡ ଦଳନ, ମନଶିକ୍ଷା, ରାସକ୍ରୀଡ଼ା, ଜଗନ୍ନାଥକାରିକା, ଧ୍ରୁବଚରିତ, ଗୁଣ୍ଡିଚାବିଜେ, ସତ୍‌ସଙ୍ଗ ଓ ଶ୍ରୀନାମଚନ୍ଦ୍ରିକା ଇତ୍ୟାଦି। ସେ ମହାଭାରତ ଓ ରାମାୟଣ ମଧ୍ୟ ରଚନା କରିଥିଲେ। ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ହୃଦୟରେ ଭକ୍ତିଭାବର ସଞ୍ଚାର ପାଇଁ ସେ ଅନେକ ପୁସ୍ତକ ଲେଖିଯାଇଛନ୍ତି। ସେ ଜଣେ ଉଚ୍ଚକୋଟୀର ସଂସ୍କୃତ ପଣ୍ଡିତ ଥିଲେ। ତାଙ୍କ ଓଡ଼ିଆ ଭାଗବତ ମୂଳ ସଂସ୍କୃତ ଭାବଗତର ଅନୁବାଦ ହେଲେ ମଧ୍ୟ ନୂତନ କାବ୍ୟ ନିର୍ମାଣ ଏହାର ଅନ୍ୟତମ ପରିଚୟ। ଓଡ଼ିଆ ଭାଷାକୁ ସ୍ୱଚ୍ଛ ଓ ପରିଚ୍ଛନ କରିବା ପାଇଁ ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା ତାହାର ଶେଷ ପରିଣତି ଥିଲା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ। ସ୍ୱଚ୍ଛ ଶବ୍ଦରେ ବିରାଟ ଚିତ୍ରପଟ୍ଟ ନିର୍ମାଣ କରିବାରେ ପ୍ରବୀଣ ଥିଲେ ଜଗନ୍ନାଥ ଦାସ। ଓଡ଼ିଆ ସାହିତ୍ୟର ପ୍ରଥମ ଭାଷା ସଂସ୍କାରକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତି ସବୁ ଓଡ଼ିଆଙ୍କ ମନରେ ଅମର। ତାଙ୍କ ନାମରେ ନାମିତ ହୋଇଛି ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ'' ଅତିବଡ଼ି ସମ୍ମାନ।




୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ଚନ୍ଦ୍ରଭାଗା ସ୍ନାନଯୋଗ ତିଥିରେ ସାତଲହଡ଼ି ମଠରେ ସ୍ଥୂଳଶରୀର ତ୍ୟାଗକରି ସେ ବୈକୁଣ୍ଠ ଯାତ୍ରା ହେଲେ। ସମୁଦ୍ର କୂଳରେ ଥିବା ସାତଲହରୀ ମଠରେ ଅତିବଡ଼ିଙ୍କ ସମାଧି ପୀଠ ରହିଛି। ରାଧାଷ୍ଟମୀରେ ତାଙ୍କର ଜନ୍ମ ହୋଇଥିବାରୁ ଏହିଦିନରେ ଜନ୍ମସ୍ଥାନ କପିଳେଶ୍ୱରପୁର ଶାସନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଆଲୋଚନା ହୁଏ। ଏପରି କି ସମାଧିପୀଠରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନା ଚକ୍ର ହୁଏ। ମହାପୁରୁଷ ଜଗନ୍ନାଥ ଦାସଙ୍କ ସାଧନା ତ୍ୟାଗ, ସଂସ୍କାର, ନିଷ୍ଠା ଯୁଗେ ଯୁଗେ ଓଡ଼ିଆ ଜାତିପାଇଁ ସର୍ବଦା ସ୍ମରଣୀୟ ରହିବ''।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଅନନ୍ୟ ପ୍ରତିଶୃତି

**ଅନନ୍ୟା ଦାସ**

ଅପ୍ରାପ୍ତି ରେ ପ୍ରାପ୍ତି,
ଅଶାନ୍ତି ରେ ଶାନ୍ତି,
ମୁକ୍ତି ପାଇଁ ଯୁକ୍ତି,
ନିର୍ବାଣ ର ଆକର୍ଷଣ,
ମୋକ୍ଷ ପ୍ରାପ୍ତିର ପ୍ରହସନ,
ଗୈରିକ ମାନସିକତାର ପ୍ରୟୋଜନ,
ବୁଝି କି ହୁଏ ?

ରଂଗ ହୀନ କାମନା ରେ,
ଶବ୍ଦ ହୀନ କବିତା ରେ,
ବେଗ ହୀନ ଆବେଗ ରେ,
ପ୍ରତିଶୃତି ହୀନ ଆଶ୍ୱସନା ରେ,
ଉପେକ୍ଷା ବିହୀନ ଅପେକ୍ଷା ରେ,
ସ୍ୱପ୍ନ ବିହୀନ ବର୍ତ୍ତମାନ ରେ,
ଖୋଜି କି ହୁଏ ?

ଦେବୀ ନୁହେଁ ସେ ତ ମମତାର ଝରଣା ସିଏ, ବା ଶାନ୍ତି ର କୋପତ
ଟିଏ,
ଅଜଣା ସହର ଆଉ ଅଚିହ୍ନା ମେଳ ରେ,
ଆକାଶ, ପାତାଳ ର ଆକର୍ଷଣ ରେ ଦିଗ ହରା ସିଏ,ଖୋଜୁ ଥାଏ...

ଅମାବାସ୍ୟାରେ ଚନ୍ଦ୍ରର ଝଲକ ଟିଏ।
ତାକୁ କି ବୁଝି ହୁଏ ?
ତାକୁ କି ଖୋଜି ହୁଏ ?

ସେ ତ ଅଶୁଣା ଅନ୍ତିମ ଗୀତି,
ସେ ତ ଅଚିହ୍ନା ସ୍ମୃତି ର ପ୍ରୀତି,
ସେ ତ ଅନନ୍ୟ ପ୍ରତିଶୃତି।



ଗୋଆ

# ଆତ୍ମଗ୍ଲାନି

**ଡ. ଦୀପକ କୁମାର ମିଶ୍ର**

କବିତା ଲେଖିବାର ନିରୋଳା ଝୁଙ୍କରେ
ମୁଁ ଛିଡ଼ା ହୋଇଛି ଏବେ
ଜଳୁଥିବା ମହାସମୁଦ୍ରରେ
ଦେଖୁଚି ବି ଦୂର ଦିଗନ୍ତରେ
କେମିତି ଆସ୍ତେ ଆସ୍ତେ ଅପସରି ଯାଉଛି ପୃଥିବୀ
ହାରିଯାଇ, ହରିବୋଲ ପକେଇ
ଅନ୍ଧାରର ଅତଳ ଗର୍ଭକୁ ।

ମୁଁ ଶୁଣିପାରୁଥିବା କାରୁଣ୍ୟର ମେଁ ମେଁ ଡାକଟିରେ
ତଥାପି ବୋଧେ କିଛି ଭୋକ ବାକି ଅଛି
ତେଣୁ ତ କାଲୁମିଆଁର କଂସେଇଖାନାରେ
ହାଣ ଖାଇବା ପୂର୍ବରୁ ମଧ
କୋଳିପତ୍ରକୁ ଚୁମାଦେଇ
ବିଚରା ଛେଳିଟି
କ୍ଷୁଧା ଆଉ କ୍ଷୋଭଙ୍କୁ ନିର୍ବିଘ୍ନରେ ଚୋବେଇ ଚାଲିଛି ।

ଜାଣିପାରେନି ଜମାରୁ ଯେ
ମୁଁ କାହିଁକି କ୍ରୋଧିତ ହୁଏ, ଉଦବେଳିତ ହୁଏ

ସମାଲୋଚନାର ଶରବ୍ୟ ହୁଏ
ସର୍ବାଙ୍ଗ ଶରୀର ମୋର ପ୍ରକମ୍ପିତ ହୁଏ
ବିନାଅସ୍ତ୍ରରେ ଯୁଝିଯାଏ
ଆସୁରିକ ଶକ୍ତିମାନଙ୍କ ସହ
ଯୁକ୍ତିବାଡ଼ି ଲଢ଼ିବାକୁ ଯନ୍ତ୍ରଣାର ମହାଯୁଦ୍ଧଟିଏ ।

ମୁଁ ଏବେ ଗୋଟେଇଧରିଛି ଶବଟିଏ
ଯିଏ ଜୁଆଖେଳରେ ଜୀବନ ହାରି ଫେରୁଚି
ଅଟକେଇଛି ଅନ୍ଧାରରେ ଫେରାର ହେଉଥିବା
ଆତ୍ମାଟିକୁ
ଯିଏ ନିଜର ଉଲଗ୍ନ ଶରୀରକୁ
ଛାଡ଼ିଆସିଚି ଗଣିକାପଡ଼ାର ରଙ୍ଗମହଲରେ
ମୁଁ ଏବେ କୋଳେଇଧରିଚି ଶିଶୁଟିକୁ
ଯିଏ ଅପଶବ୍ଦଗୁଡ଼ିକର ମନ୍ତ୍ରରେ
ତୁହାକୁ ତୁହା କାନକୁ ମୋର ତାବଦା କରୁଛି ।

ମୁଁ ଏବେ ଧୀରେ ଧୀରେ ଫେରୁଚି ଘରକୁ
ଆହତ ହୋଇ ଘର୍ମାକ୍ତ ମନରେ
ହାରିଯାଇଥିବା ସୈନିକଟିର ଅବବୋଧରେ,
ଗମ୍ଭୀର ଆତ୍ମଗ୍ଲାନିରେ ।



ଭୁବନେଶ୍ୱର
୮୨୮୦୨୧୧୦୦୦

# ଧିକ୍କାର

**ରତ୍ନକାନ୍ତି ମିଶ୍ର**

ଧିକ୍କାର ସେଇ ହିଂସ୍ର ସ୍ୱଭାବକୁ ପଶୁତ୍ୱ ଠୁ ଯା' ହୀନ
ଶାନ୍ତି ସଂହତି ଦୟା କ୍ଷମା ଭୁଲି ବର୍ବରତାରେ ମଗ୍ନ,
ଥରାଇ ଦେଇଛି ଏ ମାଟିର ଛାତି ଧର୍ମାନ୍ଧ ବିଭୀଷିକା
ଜହ୍ଲାଦ ରଚିଛି ନରସଂହାର ଭୁଲିଛି ମାନବିକତା ।।

ଅସୂୟାର ବହ୍ନି ଜଳେ ଦାଉଦାଉ ପାଷାଣ୍ଡ ଅନ୍ତରରେ
ଅସହ୍ୟ ହୁଅଇ ଆନନ୍ଦ ଉଲ୍ଲାସ ଦେଖି ଏଇ ଭୂଖଣ୍ଡରେ,
ଦୁଷ୍ଟ କାପୁରୁଷ ଦୈତ୍ୟ ଆତତାୟୀ ବୁଦ୍ଧି ବିବେକ ଶୂନ୍ୟ
ରକ୍ତର ହୋଲି ଖେଳେ ନିର୍ବିକାରେ ହରାଇ ବସିଛି ଜ୍ଞାନ ।।

କିଏ ସେଇ ଅରି ଛପି ଛପି ଆଜି ଘୃଣାର ମଞ୍ଜି ବୁଣେ
ଏ ଦେଶ ସଂହତି ପ୍ରତିହତ କରେ କୁତ୍ସିତ ସ୍ୱଭାବ ପଣେ,
ବିଶ୍ୱ ସମୁଦାୟ ଘୃଣା କରେ ଯାରେ ଧିକ୍ ତା'ର ଜୀବନ
ଅଭିସନ୍ଧି ତା'ର ନହେବ ସଫଳ ବୃଥା ତା'ର ଆସ୍ଫାଳନ ।।

ଲୁପ୍ତ ହୋଇବ ଆତଙ୍କ ଅଚିରେ ଏ ଦେଶେ ଫେରିବ ଶାନ୍ତି
ହିନ୍ଦୁସ୍ଥାନ ହେବ ବିଶ୍ୱ ମହାଗୁରୁ ସ୍ୱସ୍ତି ସୌହାର୍ଦ୍ଦ୍ୟର ଶକ୍ତି ।।



ଆଳି, କେନ୍ଦ୍ରାପଡା

# କାନ୍ଥ

**କବିତା ମହାନ୍ତି**

ରାତ୍ରୀର ନିର୍ଜନ ପ୍ରହରରେ
ନିର୍ଭୟର ଆଶ୍ୱାସନା ଦିଏ
ଚାରି ପଟେ ଘେରି ରହିଥିବା
ଘରର କାନ୍ଥ
କାନ୍ଥ ତିଆରେ ସ୍ୱପ୍ନର ସହର
ଅଜସ୍ର ସୁଖ ଦୁଖ
ହସ ଲୁହର ମୂକ ସାକ୍ଷୀ ଏଇ କାନ୍ଥ
ପୁରୁଣା ପୀଢିରୁ ଆଗତ ପୀଢ଼ି ଯାଏ
ଅନେକ କିଛି ହଜି ଯାଏ
ଆଉ ନୂଆ କିଛି ଯୋଡ଼ି ହୁଏ
କିନ୍ତୁ ଯିଏ ପିଢ଼ି ପିଢ଼ି ଧରି
ନୀରବରେ ସବୁ ଦେଖୁଥାଏ
ସେ ସିଧା ହୋଇ ଛିଡା ହୋଇଥିବା କାନ୍ଥ

ଯୌଥ ପରିବାର ଠାରୁ
ଏକକ ପରିବାର ଯାଏ
ବାଲ୍ୟ ଚପଳତାଠାରୁ
ବାର୍ଦ୍ଧକ୍ୟର ଅସହାୟତା ଯାଏ
ବିନା ପ୍ରଶ୍ନରେ
ବିନା ପ୍ରତିବାଦରେ
ନୀରବରେ ଯିଏ ସବୁ ଶୁଣୁଥାଏ
ସବୁ ଦେଖୁଥାଏ
ସେ କାଳ କାଳ ଧରି
ଠିଆ ହୋଇଥିବା ଘରର କାନ୍ଥ

ଗୋବର ଲିପା ହେଉ ଅବା
ଚୂନ ଧଉଳା କାନ୍ଥ
ପରସ୍ତ ପରସ୍ତ ରଙ୍ଗ ତଳେ
ସେ ଛାତିରେ ଧରି ରଖିଥାଏ
ପିଲାର ପ୍ରଥମ ହାତ ଲେଖା ଗାର
ଶୁଭ ବିବାହର ପ୍ରଥମ ଲଗ୍ନଚିତା
କାନ୍ଥ ଗଢ଼ିଦିଏ ଘର
କାନ୍ଥ ବି କେବେ ଭାଙ୍ଗିଦିଏ ଘର
କିଏ କହେ କାନ୍ଥ ନିର୍ଜୀବ ବୋଲି ??



ଶୈଳ ନିବାସ, ବମିଖାଲ
ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦

# ପସନ୍ଦର ଶାଢ଼ି

**ଆଦ୍ୟାଶା ମହାପାତ୍ର**

ଇନ୍ଦ୍ରଧନୁର ସପ୍ତରଙ୍ଗରୁ ହଳେ ରଙ୍ଗ ଆଣି
ପିନ୍ଧିଥିଲା ତା' ପସନ୍ଦର ଶାଢ଼ି।
କଳାମେଘରୁ ଟୋପେ ଆଖିରେ ମାଖିଥିଲା
ଗାଢ଼ ରଙ୍ଗର କଜଳ ଗୋଟେ ଧାଡି।
ରକ୍ତଗୋଲାପର ପାଖୁଡ଼ାରୁ ଧାପେ ରଙ୍ଗ ନେଇ
ସଜାଇଲା ତା'ର ଶୁଖିଯାଇଥିବା ଓଠ।

ଦରଭଙ୍ଗା ଝର୍କାର ଫାଙ୍କରେ
ଚାହିଁଥିଲା ଦୁଆର ସେପାଖ ରାସ୍ତାକୁ।
ଆନମନା ହୋଇ ଦେଖୁଥିଲା
ଗୋଲାପ କଢରେ ବସିଥିବା ହଳେ ପ୍ରଜାପତିଙ୍କୁ।
ଯେତେ ଶାଗୁଆ ଦିଶିଲେ
ତା' ପ୍ରିୟ ଟଗର ଗଛର ପତ୍ର ସବୁ
ସେତେ ବେଶୀ ଭାରି ଲାଗୁଥିଲା ତା' ଆଖିର ପତା,
ଅତୀତର ସେଇ ସ୍ମୃତି,ସବୁ ପୁରୁଣା ବ୍ୟଥା।

ବିଜୁଳିର ଚକଚକ ଆଲୁଅରେ
ଆଲୋକିତ ହୋଇଉଠିଲା ରୁମ୍।
ଘଡ଼ଘଡିର ପ୍ରଚଣ୍ଡ ଶବ୍ଦ, କିନ୍ତୁ
ଡରାଣି ଦେଖାଇପାରିଲାନି ଆଉ।
ମନର ନୀରବତା ତଳେ ଚାପି ହେଇଯାଏ
ବାହାରର ସବୁ କୋଳାହଳ।

ଦୁଆର ପାଖରେ ବୋଉର ଡାକରେ
ସାମାନ୍ୟ ସଚେତନ ହୋଇ ଚାହିଁଲା ପଛକୁ
କବାଟ ଫିଟାଇ ଚାଲିଗଲା ଘର ବାହାରକୁ।
ବରଗଛର ଡାଳରେ ବସିଥାନ୍ତି ଯୋଡିଏ ପାରା
କିଚିରିମିଚିରି ଶବ୍ଦରେ ପୁରି ଉଠୁଥାଏ ଚାରିପାଖ।
ଅନେକ ଅପରିଚିତ ମୁହଁ ଭିତରେ ହଜିଗଲା ସେ
ତାର ପରିଚୟର ଲୋକଗୁଡା କିନ୍ତୁ ଆଉ ତାର ନୁହେଁ।

କାରର କବାଟ ଖୋଲି ବସିଲା ବେଳେ
ଶୁଣିଲା ଅଚିହ୍ନା ଗୋଟେ ସ୍ୱର-
'ପାରା ଦୁହେଁ କେତେ ଯେ ସୁନ୍ଦର।'
ଶାଢ଼ିର ପଣତ କଣରେ ପୋଛିଦେଇ ଆଖି
ମନର କୋହକୁ ଚାପିଦେଇ
ବାଷ୍ପରୁଦ୍ଧ କଣ୍ଠରେ କହିଲା-
'ଝାପ୍ସା ଦିଶୁଛି ବୋଧେ ହୋମ ନିଆଁ ବାଜି।'

ଫେରି ଚାହିଁଲା ସେଇ ଦରଭଙ୍ଗା ଝର୍କା ପଛକୁ
ସେଇଠି ଛାଡି ଆସିଥିବା ଜଣେ ପରିଚିତର
ଫଟୋଗ୍ରାଫକୁ।
ବୋଉର ଡାକରେ ଝୁଣ୍ଟିଥିଲା କବାଟ ପାଖରେ
ସେଇଠି ଛାଡି ଆସିଥିଲା ଶେଷ ସ୍ମୃତିଟିକକୁ।
ଦରଭଙ୍ଗା ଝର୍କାର ଆବୁଡା ଖାବୁଡା ଅକ୍ଷର ଗୁଡା
ଆଜି ତାକୁ ଝାପ୍ସା ଦିଶୁଥାଏ।

ସତେ ଯେମିତି ଉପହାସ କରି କହୁଥାଏ-
'ମୁଁ ଯୋଡି ହେଇଯିବି ଖୁବ ଶୀଘ୍ର,
କିନ୍ତୁ ତୁ ଭାଙ୍ଗିଗଲୁ ଜୀବନ ପାଇଁ।
ଛାଡି ଯାଇଥିବା ସେଇ ଫଟୋଗ୍ରାଫ
ତୁ ଆସିବା ବେଳକୁ ଚଢି ଯାଇଥିବେ ଉଇ।'

ଏବେ ତାର ପ୍ରିୟ ଇନ୍ଦ୍ରଧନୁଟି ଫେରିଯାଏ
ପ୍ରତାରିତ ସାଥିଟିଏ ପରି।
ଫର୍ଚ୍ଚା ଆକାଶର ଫାଙ୍କରୁ ଚକମକ ସୂର୍ଯ୍ୟର କିରଣ
ଆଲୋକିତ କରୁଥାଏ ତା' ହାତରେ ଥିବା ଦୁଇହଳ ନାଲି ଚୁଡି
ସେ ପୁଣି ଥରେ ଫେରିଯାଏ ସ୍ମୃତିର ବସାଘରକୁ
ଆଉ ଦେଖୁଥାଏ ସିଏ ଦେଇଥିବା ତାର ପସନ୍ଦର ଶାଢ଼ି
ଇନ୍ଦ୍ରଧନୁର ସପ୍ତରଙ୍ଗରୁ ହଳେ ରଙ୍ଗରେ ତିଆରି
ତା'ର ପସନ୍ଦର ଶାଢ଼ି।



ମଞ୍ଜୁରୀରୋଡ଼, ଭଦ୍ରକ
ପିନ- ୭୫୬୧୨୧

# ଚକାଆଖି



**ଅନୁଲିପ୍ତା ମିଶ୍ର**

ଚକା ଚକା ତାର ଦୁଇଆଖି
ଦେଖିଦେଲେ ମନ ଯାଏଲାଖି।
ଜଗତର ନାଥ ପରା ସିଏ
ଦୁଃଖୀ ଓଠେ ହସ ଭରି ଦିଏ।

ବଡ଼ଦେଉଳରେ ଘର ତାର
ସାରାଜଗତର ସେ ଠାକୁର।
ରତ୍ନ ସିଂହାସନେ ବସିଥାଏ
କୋଟି ବ୍ରହ୍ମାଣ୍ଡର ରାଜା ସିଏ।

ଷାଠିଏ ପଉଟି ଭୋଗ ଖାଇ
ସାରା ଜଗତକୁ ସେ ପାଳଇ।
ଭକ୍ତର ଭାବରେ ବନ୍ଧା ସିଏ
ଡାକିଦେଲେ 'ଓ' କରିଥାଏ।

ତା ପାଦରେ ମଥା ନଇଁଥାଉ
ଏ ଜୀବନ ଧନ୍ୟ ହୋଇଯାଉ
ଟିକି ମାଗୁଣି ମୋ ଶୁଣୁଥାଉ
ଆଶିଷ ତାହାର ଝରୁଥାଉ।

ଶାସନ, ସିଦ୍ଧଳ, ଜଗତସିଂହପୁର, ମୋ-୯୯୩୮୪୦୦୨୦୫

# ବନ୍ଧ୍ୟାକରଣ

**ସାରଦା ପ୍ରସାଦ ଆଚାର୍ଯ୍ୟ**

ଚାଲ୍ ନାରୀ ଶୂନ୍ୟ କରିବା ପୃଥିବୀ
ପୁରୁଷ ବନାମ ପୁରୁଷ
ନା ଥିବ ଆକ୍ରମଣ, ଆକର୍ଷଣ, ଆଲିଙ୍ଗନ
ନଥିବ ଫଳ, ଫୁଲ
କେବଳ ବାସ ଶୂନ୍ୟ
ହାହାକାର,
ଖୋଜି ଚାଲିବା
ଆଲୋ ରେବି
ଦେ ଟିକେ ନିଆଁ
ପୁଣି ଜଳିଉଠୁ ଚୁଲି ।

ଆସ ପୁରୁଷ ଶୁନ୍ୟ କରିବା ପୃଥିବୀ
ନାରୀ ବନାମ ନାରୀ
ନା ଥିବ ପ୍ରତାରଣା, ପ୍ରତିହିଂସା,
ନା ଥିବ ପ୍ରେମ ପ୍ରୀତି
କେବଳ ନେତି ନେତି
ଡାକି ଚାଲିବା
ଆସ ବନ୍ଧୁ
ଆସ ପ୍ରିୟ
କାମନା ବାସନା ଧରି
ଗଢି ଚାଲିବା ନୂଆ ସୃଜନ ।



ଯୋଡ଼ା -କେନ୍ଦୁଝର
ମୋ-୮୬୩୭୨୧୩୮୨୫

# ଲୋକହସା

**ବିନୟ କୁମାର ମିଶ୍ର**

କିଏ ବା ପାରିବ
କେଉଁ ପରିସ୍ଥିତି
ପରିବର୍ତ୍ତନ କରିବ,
କର୍ମ ଅନୁଯାୟୀ
ପରିସ୍ଥିତି ଆସେ
କିପରି ଆନ ହୋଇବ,
ଅନୁକୂଳ ପ୍ରତିକୂଳ,
ପରିସ୍ଥିତି ଦେଇ
ଗତି କରେ ଜୀବ
ରୋକିବାକୁ ନାହିଁ ବଳ।

ଶିଖିଲେ କି ହେବ
ପରିସ୍ଥିତିଟାକୁ
ସାମନା କରିବା ସାରା,
ତହିଁରୁ ମିଳଇ
ବଞ୍ଚିବାର ରାହା
ସ୍ମୃତି ଅନୁଭୂତି ଭରା,
ସମସ୍ୟାର ସମାଧାନ,
ବୁଦ୍ଧି ବିବେକର
ଜ୍ଞାନ କର୍ତ୍ତବ୍ୟର
ହୋଇଥାଏ ପ୍ରୟୋଜନ।

ଯନ୍ତ୍ରଣା ଆସିଲେ
ଧୈର୍ଯ୍ୟ ବଳେ ସହ୍ୟ
କରିବାକୁ ବାଧ୍ୟ ନର,
ଅଧିକାର ପାଇଁ
ସଂଘର୍ଷ ଜୀବନେ
ହୋଇଥାଏ ଦରକାର,
ବାଘକୁ ନ ଦେଖି ଡୋଳେ,
ଭୟାର୍ତ୍ତ ହୋଇବା
ମଣିଷର ଗୁଣ
ଦେଖିଲେ କୁଝଇ ହେଳେ।

ପରିସ୍ଥିତି ଯେଉଁ
ଯାଏ ନ ଆସିଛି
ସାମ୍ନା କଲେ ଯୁଝିବାକୁ,
ଉପାୟ ଆସଇ
ବଳେ ବଳେ ସିନା
ସମାଧାନ କରିବାକୁ,
ଅକ୍ଲେଶେ ମେଣ୍ଟେ ଦୁର୍ଦ୍ଦଶା,

ପରିସ୍ଥିତିକୁ ଯେ
ଦୋଷ ଦେଇଥାଏ
ହୋଇଥାଏ ଲୋକହସା।



ମଲ୍ଲୀପୁର, ନିଆଳ
ଖୋର୍ଦ୍ଧା

# ଅଧିନାୟକ ହେବା ପରେ ବଡ଼ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କଲେଣି ଶୁବମନ

**ନୂଆଦିଲ୍ଲୀ**




ଶୁବମନ ଗିଲ ଭାରତର ଟେଷ୍ଟ ଦଳର ଅଧିନାୟକ ହେବା ସହିତ ଏବେ ତାଙ୍କୁ ଓଡିଆଇ ଅଧିନାୟକ ମଧ୍ୟ ନିଯୁକ୍ତ କରାଯାଇଛି । ଅଷ୍ଟ୍ରେଲିଆ ବିପକ୍ଷ ଓଡିଆଇ ଏବଂ ଟି୨୦ ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯାଇଛି । ଏହା ସହିତ ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲଙ୍କୁ ଓଡିଆଇ ଅଧିନାୟକତ୍ୱ ଦିଆଯାଇଛି । ଓଡିଆଇ ଅଧିନାୟକ ହେବା ପରେ ଗିଲ ତାଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଭାରତୀୟ ଦଳ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି, ଯାହାର ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୧୦ରୁ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଖେଳାଯିବ ।

ଭାରତୀୟ କ୍ରିକେଟ ଦଳର ଓଡିଆଇ ଅଧିନାୟକ ହେବା ପରଠାରୁ, ଶୁବମନ ଗିଲ ତାଙ୍କ ଅଧିନାୟକତ୍ୱ କ୍ୟାରିୟର ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି । ଓଡିଆଇ ଅଧିନାୟକ ହେବା ବିଷୟରେ ଗିଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, 'ଟେଷ୍ଟ ମ୍ୟାଚ୍ ସମୟରେ ମୋ ଅଧିନାୟକତ୍ୱର ଖବର ଆସିଥିଲା, କିନ୍ତୁ ମୁଁ ଏହା ବିଷୟରେ କିଛି ସମୟ ପୂର୍ବରୁ ଜାଣିଥିଲି । ଏହା ପ୍ରକୃତରେ ଏକ ବଡ଼ ଦାୟିତ୍ୱ ଏବଂ ସମସ୍ତଙ୍କ ପାଇଁ ସମ୍ମାନ । ମୁଁ ଏହି ଫର୍ମାଟରେ ମୋ ଦେଶକୁ ନେତୃତ୍ୱ ଦେବାକୁ ବହୁତ ଉତ୍ସାହିତ ।'

ଶୁବମନ ଗିଲ ଆହୁରି କହିଛନ୍ତି, 'ଗତ କିଛି ମାସ ମୋ ପାଇଁ ବହୁତ ରୋମାଞ୍ଚକର ଥିଲା । କିନ୍ତୁ ଏବେ ମୁଁ ଅପେକ୍ଷା କରିଛି ।' ଏବେ ମୁଁ ଭବିଷ୍ୟତକୁ ଚାହିଁ ରହିଛି । ମୁଁ ଯଥାସମ୍ଭବ ବର୍ତ୍ତମାନରେ ରହିବାକୁ ଚେଷ୍ଟା କରେ । ମୁଁ ପୂର୍ବରୁ କ'ଣ ହାସଲ କରିଛି କିମ୍ବା ଆମର ଦଳ ଏକାଠି କ'ଣ ହାସଲ କରିଛି ତାହା ପଛକୁ ଫେରି ଚାହିଁବାକୁ ଚାହୁଁନାହିଁ । ଏବେ ଆମେ ଆଗକୁ ଅପେକ୍ଷା କରୁଛୁ ଏବଂ ଆଗାମୀ ମାସଗୁଡ଼ିକରେ ଆମର ଯେକୌଣସି ମ୍ୟାଚ୍ ଜିତିବାକୁ ଚାହୁଁଛୁ ।

# ୧୯ ବର୍ଷରୁ କମ୍ ଭାରତୀୟ ଦଳ ଅଷ୍ଟ୍ରେଲିଆକୁ ହରାଇ ଭାଙ୍ଗିଲା ୩୦ ବର୍ଷର ରେକର୍ଡ

**ନୂଆଦିଲ୍ଲୀ**




ଭାରତର ୧୯ ବର୍ଷରୁ କମ୍ ଦଳ ଅଷ୍ଟ୍ରେଲିଆକୁ ତାଙ୍କ ନିଜ ପଡ଼ିଆରେ ପରାସ୍ତ କରି ଇତିହାସ ରଚିଛି । ଆୟୁଷ ମହାତ୍ରେଙ୍କ ଅଧିନାୟକତ୍ୱରେ, ଭାରତୀୟ ଯୁବ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଯୁବ ଟେଷ୍ଟ ସିରିଜ ୨-୦ରେ ଜିତିଛି । ଏହି ବିଜୟକୁ ସ୍ୱତନ୍ତ୍ର । କାରଣ ଏହି ମ୍ୟାଚ୍‌ରେ କେବଳ ୮୮୬ ବଲ ପର୍ଯ୍ୟନ୍ତ ଖେଳାଯାଇ ଥିଲା । ଅର୍ଥାତ୍ ଟିମ୍ ଇଣ୍ଡିଆ ଦୁଇ ଦିନ ମଧ୍ୟରେ ମ୍ୟାଚ୍ ଜିତିଥିଲା । ଏହିପରି ଭାରତ ୩୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ସବୁଠାରୁ କମ ବଲରେ ଯୁଥ୍ ଟେଷ୍ଟ ମ୍ୟାଚ୍ ଜିତିବାର ଏକ ନୂତନ ରେକର୍ଡ ସ୍ଥାପନ କରିଛି ।

ଯୁବ ବ୍ୟାଟ୍‌ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ଏହି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ମୋଟ୍ ୧୩୩ ରନ କରିଥିଲେ । ଏଥିରେ ଏକ ଶତକ ମଧ୍ୟ ଥିଲା । ବୈଭବଙ୍କ ଇନିଂସ ଦଳର ମୂଳଦୁଆକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଥିଲା । ଅଧିନାୟକ ଆୟୁଷ ମହାତ୍ରେଙ୍କ ରଣନୀତି ଏବଂ ବୋଲରଙ୍କ ଘାତକ ବୋଲିଂ ସହିତ ତାଙ୍କ ପ୍ରଦର୍ଶନ ଅଷ୍ଟ୍ରେଲିଆ ଦଳକୁ ସମ୍ପୂର୍ଣ୍ଣ ଭାବରେ ପଛକୁ ଟାଣି ଦେଇଥିଲା ।

ଭାରତ କେବଳ ଟେଷ୍ଟରେ ନୁହେଁ ବରଂ ଦିନିକିଆ ସିରିଜରେ ମଧ୍ୟ ଅଷ୍ଟ୍ରେଲିଆକୁ କ୍ଲିନ କରିଥିଲା । ଭାରତ ତିନି ମ୍ୟାଚ ବିଶିଷ୍ଟ ଯୁବ ଦିନିକିଆ ସିରିଜ ମଧ୍ୟ ୩-୦ରେ ଜିତିଥିଲା । ପ୍ରଥମ ମ୍ୟାଚ ଭାରତ ୭ ୱିକେଟରେ ଜିତିଥିଲା, ପରେ ଦ୍ୱିତୀୟ ମ୍ୟାଚରେ ୫୧ ରନର ଏକ ବଡ଼ ବିଜୟ ହାସଲ କରିଥିଲା ଏବଂ ତୃତୀୟ ମ୍ୟାଚରେ ଭାରତ ଅଷ୍ଟ୍ରେଲିଆକୁ ୧୬୭ ରନରେ ପରାସ୍ତ କରିଥିଲା ।

ଟେଷ୍ଟ ସିରିଜ୍‌ରେ ମଧ୍ୟ ଭାରତର ପ୍ରାଧାନ୍ୟ ଜାରି ରହିଥିଲା । ଦଳ ପ୍ରଥମ ଯୁବ ଟେଷ୍ଟକୁ ଏକ ଇନିଂସ ଏବଂ ୫୮ ରନରେ ଜିତିଥିଲା, ଯେତେବେଳେ ଦ୍ୱିତୀୟ ଟେଷ୍ଟ ୭ ଉଇକେଟରେ ଜିତିଥିଲା ।

ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ବ୍ୟାଟିଂ ଅତ୍ୟନ୍ତ ଦୁର୍ବଳ ଥିଲା । ସେମାନଙ୍କର ଦଳ ପ୍ରଥମ ଇନିଂସରେ କେବଳ ୧୩୫ ରନ କରିପାରିଥିଲା, ଯେଉଁଥିରେ ଉଇକେଟକିପର ଆଲେକ୍ସ ଲି ଯଙ୍ଗ ୬୬ ରନ କରିଥିଲେ । ଦ୍ୱିତୀୟ ଇନିଂସରେ, ସମଗ୍ର ଦଳ ୧୧୬ ରନରେ ଅଲଆଉଟ ହୋଇଯାଇଥିଲା । ଭାରତକୁ ବିଜୟ ପାଇଁ କେବଳ ୮୧ ରନ ଆବଶ୍ୟକ ଥିଲା, ଯାହାକୁ ସେମାନେ ସହଜରେ ତିନୋଟି ଉଇକେଟ ହରାଇ ହାସଲ କରିଥିଲେ ।

ଏହି ବିଜୟ ସହିତ, ଭାରତ ୧୯୯୫ରେ ୱେଷ୍ଟଇଣ୍ଡିଜର ରେକର୍ଡ ଭାଙ୍ଗିଥିଲା । ସେମାନେ ଫୈସଲାବାଦରେ ପାକିସ୍ତାନକୁ ୯୯୨ ବଲରେ ପରାସ୍ତ କରିଥିଲେ । ଭାରତ ଏବେ ମାତ୍ର ୮୮୬ ବଲ୍‌ରେ ଏକ ଯୁଥ୍ ଟେଷ୍ଟ ଜିତିବାର ଗୌରବ ହାସଲ କରିଛି ।

# କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହେବ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍




**ଭୁବନେଶ୍ୱର**

ଭାରତୀୟ ଆଥଲେଟିକ୍ସ ମହାସଂଘ, ଓଡ଼ିଶା ଆଥଲେଟିକ୍ସ ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନ କରାଯିବ । ଅକ୍ଟୋବର ୧୦ ତାରିଖ ଠାରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ । ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ । ସର୍ବାଧିକ କ୍ରୀଡ଼ାବିତ୍ (୧୪୭ ଜଣ) ହରିୟାଣା ରାଜ୍ୟରୁ ଅଂଶଗ୍ରହଣ କରିବେ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି ।

କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି ଯେ, 'ଅକ୍ଟୋବର ୧୦ ତାରିଖ ଠାରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏଥିସହ ଅକ୍ଟୋବର ୧୧ ତାରିଖ ଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ୨୮ତମ ଏସୀୟ ଟେବୁଲ ଟେନିସ ଟିମ୍ବ ଚାମ୍ପିୟନସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏକ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । କ୍ରୀଡ଼ାବିତ୍‌ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସଫଳତା ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି ।'

'ଓଡ଼ିଶାରେ କଳିଙ୍ଗ ଷ୍ଟାଡ଼ିୟମରେ ବିଗତ ଅଗଷ୍ଟ ମାସରେ ସଫଳତାର ସହ ୱାର୍ଲଡ଼୍ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍‌ର ଆୟୋଜନ ମଧ୍ୟ ସଫଳତାର ସହ ହେବ', ବୋଲି ଭାରତୀୟ ଆଥଲେଟିକ୍ସ ମହାସଙ୍ଗ ପକ୍ଷରୁ ଆଦିଲ୍ ସୁମାରିୱାଲା ମତପ୍ରକାଶ କରିଛନ୍ତି ।

# ନେରାନଜୀ ଟ୍ରଫିରେ ସାମିଲ ହେଲେ ମହମ୍ମଦ ଶାମି

**ନୂଆଦିଲ୍ଲୀ**

ଇଣ୍ଡିଆନ କ୍ରିକେଟ ଦଳର ଷ୍ଟାର ଦ୍ରୁତ ବୋଲର ମହମ୍ମଦ ଶାମି କିଛି ସମୟ ପାଇଁ ଟିମ୍ ଇଣ୍ଡିଆରେ ନାହାନ୍ତି । ଚାମ୍ପିଅନ ଟ୍ରଫି ୨୦୨୫ର ଫାଇନାଲ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା । କିନ୍ତୁ ତାଙ୍କୁ ଅଷ୍ଟ୍ରଲିଆ ବିପକ୍ଷ ମ୍ୟାଚ୍‌ରେ ସ୍ଥାନ ମିଳିଲା ନାହିଁ । ଏଥିସହ, ଇଂଲଣ୍ଡ ଯାତ୍ରା ପାଇଁ ବଡିଙ୍ଗମୀ ଦଳରେ ମଧ୍ୟ ସ୍ଥାନ ମିଳିଲା ନାହିଁ । ସେ ଏସିଆ କପ ୨୦୨୫ ପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁ ଯାଉଥିବା ସିରିଜ ଟିମ୍‌ରେ ମଧ୍ୟ ଅଂଶ ନାହାନ୍ତି । କିନ୍ତୁ ଏସବୁ ଭିତରେ ଶାମିଙ୍କ ଗୋଟିଏ ଦଳରେ ଏଣ୍ଟ୍ରି ହୋଇଯାଇଛି ।

ଦଳର ଏକ ସ୍ଥାନ ତିଆରି କରିବାରେ କ୍ରମାଗତ ଭାବରେ ବିଫଳ ହେବା ପରେ, ମହମ୍ମଦ ଶାମି ହାର ମାନି ନାହାନ୍ତି । ସେ ଘରୋଇ କ୍ରିକେଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ବେଙ୍ଗଲ କ୍ରିକେଟ ଆସୋସିଏସନ ନେରାନଜୀ ଟ୍ରଫି ୨୦୨୫-୨୬ ପାଇଁ ଶାମି ଦଳରେ ସାମିଲ ହୋଇଛନ୍ତି । ମହମ୍ମଦ ଶାମିର ବ୍ୟତୀତ, ବଙ୍ଗାଳର ଦ୍ରୁତ ବୋଲିଂ ଅକାଶ ଦୀପଙ୍କ ଦଳରେ ସାମିଲ ହେବା ପରେ ଟିମ୍ ଆହୁରି ମଜବୁତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ଶାମିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ନେରାନଜୀ ଟ୍ରଫିରେ ଭଲ ପ୍ରଦର୍ଶନ କଲେ ତାଙ୍କର ଟିମ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ହୋଇପାରେ ।

## ଚକରା ବିଷୋୟୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ନରେଶ ଏକାଦଶ-ଭଞ୍ଜନଗର ମୁକାବିଲା

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି । ଗୁରୁବାର ଦୁଇଟି ସେମି ଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ଏଥିସହ ବିଧାୟକ ନାୟକ ତାଙ୍କ ଭାଷଣରେ କହିଥିଲେ ଯେ, ଆଗାମୀ ଦିନରେ ଜାତୀୟ ସ୍ତରର ମ୍ୟାଚ୍ ଏଠାରେ କରାଯିବ । ଏଥିପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ




ଡିଏଫ୍ ଓ ହିମାଂଶୁ ଶେଖର ମହାନ୍ତି, ଭାଜପା ଭଞ୍ଜନଗର ସାଂଗଠନିକ ଜିଲ୍ଲା ସଭାପତି ନୀଳ ମାଧବ ପାତ୍ର, ଏମ୍‌ପି ପ୍ରତିନିଧି ଶିବଶଙ୍କର ପ୍ରଧାନ, ରବୀନ୍ଦ୍ର ଗୌଡ଼, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ ଭଞ୍ଜନଗର ନରେଶ ଏକାଦଶ ଓ ବଉଦ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଭଞ୍ଜନଗର ନରେଶ ଏକାଦଶ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ସହ ଭୁବନେଶ୍ୱର ଫ୍ରେଣ୍ଡସ୍ ପାରାଡାଇଜ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ଭଞ୍ଜନଗର ଫୁଟବଲ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍‌ଗୁଡ଼ିକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ରାଜ୍ୟ ସ୍ତରୀୟ ରେଫରୀ ପି. ରମେଶ, ସଲିଲ କୁମାର ବେହେରା, ବାପୁନା ସିଂ, ବିଚିତ୍ର ଜେନା, ମ୍ୟାଚ୍ କମିଶନର ପି ଆନନ୍ଦ ରାଓ ପରିଚାଳନା କରିଥିଲେ । ଶୁକ୍ରବାର ଫାଇନାଲ ମ୍ୟାଚ୍ ଦୁଇ ଭଞ୍ଜନଗର ଟିମ୍ ମଧ୍ୟରେ ହେବ । ଏହି ମ୍ୟାଚ୍‌ରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଶାନ୍ତ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ ।

# ପଣ୍ଡିତ ଗୋପବନ୍ଧୁ ଥିଲେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି : ଏମଏସଏମଇ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ମାଟି ଏପରି କିଛି ମଣିଷଙ୍କୁ ଜନ୍ମ ଦେଇଛି ଯେଉଁମାନେ ନିଜ ସ୍ୱାର୍ଥକୁ ଭୁଲି ଜନସେବାକୁ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି । ଦୀନ, ଦୁଃଖୀ ଓ ବନ୍ୟା ମରୁଡ଼ିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସେହି ମହାନ ଆତ୍ମାଙ୍କୁ ଆଜି ବି ସମଗ୍ର ଦେଶ ମନେ ରଖିଛି । ଉତ୍କଳବାସୀଙ୍କ ହୃଦୟରେ ଉତ୍କଳର ମଣି ହୋଇ ସେ ରହିଛନ୍ତି । ତାଙ୍କର ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ.ଏସ.ଏମ.ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ ଯେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କୁ ଆମେ ଉତ୍କଳମଣି ବୋଲି କହୁଛେ, ମାତ୍ର ମୋ ମତରେ ସେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି । ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ । ଆମ ଇତିହାସର ଏକ ଗରିମାମୟ ଅଂଶ । କାହିଁକି ନା କ୍ଳେଶରେ, ଦୁଃଖରେ, ଶୋକରେ, ଅସହାୟ-ପୀଡ଼ିତ-ନିରନ୍ନ-କରୁଣ ସ୍ଥିତିରେ ଗୋଟିଏ ନାଁ ବାରମ୍ବାର ମନେ ପଡିଥାଏ । ବିପଦ ପାରି ହେବା ପାଇଁ ଆଜି ବି ଜନଗଣ ଖୋଜନ୍ତି ଗୋପବନ୍ଧୁଙ୍କୁ । ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ସେ ଅଭିମନ୍ତ୍ରିତ ହୋଇଥିଲେ । ଜନତା ଜନାର୍ଦ୍ଦନଙ୍କ ସେବା ଥିଲା ତାଙ୍କର ଧର୍ମ । ଏହା ଥିଲା ତାଙ୍କ ପାଇଁ ଦେବ ସେବା । ଗୋପବନ୍ଧୁ ଓ ତାଙ୍କ ତିନି ଜଣ ବନ୍ଧୁ ଭାର୍ଗବୀ ନଦୀକୂଳରେ ବସି ପୂର୍ଣ୍ଣିମା ଆକାଶ ତଳେ ବଜ୍ର ଶପଥ ନେଇଥିଲେ – ଆମେ ପାଠ ପଢି ସରକାରୀ ଚାକିରି କରିବା ନାହିଁ । ଦେଶ ପାଇଁ କିଛି କରିବା । ଯୌବନରେ ଏପରି ଶପଥ ଯେତିକି ବିସ୍ମୟକର, ସେତିକି ମାତ୍ରାରେ ଦୁଃସାହସିକ ଓ ତ୍ୟାଗମୟ । ସତରେ ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗ ଓ ସମର୍ପଣର ଅମଳିନ ମହାସ୍ରୋତ । ସତ୍ୟବାଦୀ ଯୁଗର ପ୍ରବର୍ତ୍ତକ ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଶିକ୍ଷା, ସଂପାଦନା ଓ ସାହିତ୍ୟ ପ୍ରତିଟି କ୍ଷେତ୍ରରେ ନିଜର ଅଲିଭା ସ୍ମୃତି ଛାଡ଼ି ଯାଇଛନ୍ତି । ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗର ଅମଳିନ ମହାସ୍ରୋତ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି ।



ଅକ୍ଟୋବର ୧୧ରୁ କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍ ପୂର୍ବରୁ ଧଉଳି ସମ୍ମୁଖରେ ମାସ୍କଟ ଓଲି ପ୍ରଦର୍ଶିତ କରାଯାଉଛି । (ଫଟୋ : ସମ୍ବାଦ କଳିକା)

# ରାଣୀ ଦୁର୍ଗାବତୀ : ନାରୀ ଶକ୍ତି ଏବଂ ସାହସର ଅଗ୍ନିଶିଖା



**ସାବିତ୍ରୀ ଠାକୁର**
ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ନୀତି ଏବଂ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର କଳ୍ପନା କରାଯିବାର ଶହ ଶହ ବର୍ଷ ପୂର୍ବରୁ, ଗୋଣ୍ଡ ସାମ୍ରାଜ୍ୟର ଜଣେ ଯୁବା ଆଦିବାସୀ ରାଣୀ ସର୍ବୋଚ୍ଚ ସ୍ଥାନରେ ଠିଆ ହୋଇଥିଲେ, ଯିଏ ଆତ୍ମସମର୍ପଣ କରିବା ପରିବର୍ତ୍ତେ ଆତ୍ମସମ୍ମାନ, ରାଜକୀୟ ଏବଂ କର୍ତ୍ତବ୍ୟର ମାର୍ଗକୁ ହିଁ ଚୟନ କରିଥିଲେ । ଭାରତର ବୀରତା ଏବଂ ପରାକ୍ରମର ପ୍ରତୀକ ଭାବରେ ଯଦି ସ୍ମରଣ କରାଯାଏ, ତେବେ ଯାହା ସ୍ମୃତିକୁ ଆସେ, ତାହା ହେଉଛି ରାଣୀ ଦୁର୍ଗାବତୀଙ୍କ ନାମ । ସେ କେବଳ ଅସୀମ ପରାକ୍ରମର ପ୍ରତୀକ ନ ଥିଲେ, ଅପର ପକ୍ଷେ ଆଜି ସୁଦ୍ଧା ସାର୍ବଜନୀନ ଜୀବନ, ବ୍ୟବସାୟ, ବିଜ୍ଞାନ ଏବଂ ଜନସେବା କ୍ଷେତ୍ରରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଜଳଜଳ ହୋଇ ଦୃଶ୍ୟମାନ ଏବଂ ଏହା ଦ୍ୱାରା ଅସଂଖ୍ୟ ମହିଳା ପ୍ରେରଣା ଲାଭ କରିଆସୁଛନ୍ତି । ତାଙ୍କର ୫୦୧ତମ ଜୟନ୍ତୀ ପାଳନ ଅବସରରେ, ଆମେ ତାଙ୍କର ସେହି ଗାଥା ଏବଂ ସେହିସବୁ ମୂଲ୍ୟବୋଧକୁ ସ୍ମରଣ କରୁଛୁ । ଯାହା ଷୋଡ଼ଶ ଶତାବ୍ଦୀରେ ଯୁଦ୍ଧକ୍ଷେତ୍ରଠାରୁ ନେଇ ଆଧୁନିକ ଭାରତର ନୀତି ପର୍ଯ୍ୟନ୍ତ ଆମମାନଙ୍କ ନିମନ୍ତେ ଶତତ ପ୍ରେରଣାର ସ୍ରୋତ ଭାବରେ ପ୍ରବାହିତ ହୋଇଆସୁଛି ।

ଅଦମ୍ୟ ସାହସର ପ୍ରତିମା : ରାଣୀ ଦୁର୍ଗାବତୀଙ୍କ ଜୀବନ ଏକ କିମ୍ବଦନ୍ତୀ ଭାବେ ଇତିହାସରେ ଅମର ହୋଇ ରହିଛି, କାରଣ ସେ ଜଣେ ନିଷ୍କ୍ରିୟ ପାତ୍ର ହୋଇ ରହିବାକୁ ଅସ୍ୱୀକାର କରିଥିଲେ । ବାହ୍ୟ ଆକ୍ରମଣକାରୀ ମୋଗଲ ଶକ୍ତିଙ୍କୁ ସାମ୍ନା କରି, ସେ ନିଜ ରାଜ୍ୟ ଏବଂ ପ୍ରଜାମାନଙ୍କ ସୁରକ୍ଷା ପାଇଁ ଅଦମ୍ୟ ସଂକଳ୍ପ ନେଇଥିଲେ ଏବଂ ସେହି ଦାୟିତ୍ୱ ନିଜ କାନ୍ଧରେ ଉଠାଇଥିଲେ । ସେ ଜଣେ ସାହସିନୀ ଓ ବିଚକ୍ଷଣ ଶାସକ ଥିଲେ, ଯିଏ ନିଜ ସେନାକୁ କେବଳ ଯୁଦ୍ଧରେ ନେତୃତ୍ୱ ଦେଇ ନଥିଲେ, ବରଂ ରାଜନୈତିକ ଓ ସାମରିକ ନିର୍ଣ୍ଣୟରେ ମଧ୍ୟ ଅସାଧାରଣ ବୁଦ୍ଧିମତ୍ତା ପ୍ରଦର୍ଶନ କରିଥିଲେ । ଶତ୍ରୁସେନା ସହିତ ସାହସିକ ଯୁଦ୍ଧ କରି, ସେ ପରିଶେଷରେ ନିଜ ଜୀବନ ବଳିଦାନ ଦେଇଥିଲେ । ରାଣୀ ଦୁର୍ଗାବତୀ ନିଜକୁ ଜଣେ କ୍ଷେତ୍ରୀୟ ଶାସକ ରୂପରେ ସୀମିତ ରଖିନଥିଲେ, ବରଂ ଜାତୀୟ ଗୌରବ ଓ ପ୍ରେରଣାର ପ୍ରତୀକ ଭାବରେ ଉନ୍ନୀତ କରିଥିଲେ । ଆଜି ସେ ଲୋକକଥା, ସ୍ମାରକ ଓ ମଧ୍ୟଭାରତୀୟ ସଂସ୍କୃତିର ଅଖଣ୍ଡ ଅଂଶ ଭାବେ ସଦାସର୍ବଦା ସ୍ମରଣୀୟ ଅଟନ୍ତି । ତାଙ୍କ ଜୀବନ ଏହାର ଜୀବନ୍ତ ମିଶାଲ ଯେ, ସାହସ ଓ ନେତୃତ୍ୱ କେବଳ କୌଣସି ଏକ ଲିଙ୍ଗର ସୀମାରେ ବନ୍ଦୀ ନୁହେଁ – ଏହା ମାନବ ସାହସ ଓ ସଂକଳ୍ପର ପରମ ପ୍ରତୀକ ଅଟେ ।

ପ୍ରତୀକରୁ ନୀତି ପର୍ଯ୍ୟନ୍ତ : ଭାରତ ଏହି କର୍ତ୍ତବ୍ୟକୁ ନିର୍ବହନ କରେ

ଆଜିର ଆଧୁନିକ ଭାରତରେ ମହିଳା କଲ୍ୟାଣ ଏବଂ ସଶକ୍ତିକରଣ ପାଇଁ ଯେଉଁ ସ୍ଥାପତ୍ୟ ଗଠିତ ହୋଇଛି – ଯାହା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ ବିଭାଗଗୁଡିକ ଦ୍ୱାରା ନିର୍ମିତ ହେଉଛି – ସେଥିରେ ରାଣୀ ଦୁର୍ଗାବତୀଙ୍କ ଜୀବନ ଏକ ଗଭୀର ପ୍ରେରଣା ସ୍ୱରୂପ ଅଟେ । ଯେପରି ସେ ନିଜ ସମୟରେ ରାଜ୍ୟ ଓ ପ୍ରଜାମାନଙ୍କ ସୁରକ୍ଷା ପାଇଁ ନିଜ କର୍ତ୍ତବ୍ୟ ଏବଂ ସାର୍ବଜନୀନ ଦାୟିତ୍ୱ ପୂରଣ କରିଥିଲେ, ସେହିପରି ଆଜିର ସରକାର ମହିଳାମାନଙ୍କ ଅଧିକାର, ସୁଯୋଗ ଓ ସମାନ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ଷେତ୍ରରେ ପ୍ରତିବଦ୍ଧ ଅଟେ । ରାଣୀ ଦୁର୍ଗାବତୀଙ୍କ ଜୀବନ ଆମକୁ ଏହା ଶିଖାଏ ଯେ, ସମାଜର ସତ୍ୟ ସଶକ୍ତିକରଣ ସେତେବେଳେ ସମ୍ଭବ ଯେତେବେଳେ କର୍ତ୍ତବ୍ୟ, ସାହସ ଓ ସେବାଭାବ ଏକାତ୍ମ ହୁଏ । ତାଙ୍କ ଅଦମ୍ୟ ମନୋବଳ ଓ ନିଷ୍ଠା ଆଜିର ନୀତି ଓ ପରିକଳ୍ପନାମାନଙ୍କୁ ଅନୁପ୍ରାଣିତ କରୁଛି ।

ଶିକ୍ଷା ଏବଂ ସାମାଜିକ ସମାନତା : କନ୍ୟା ସନ୍ତାନମାନଙ୍କ ଶିକ୍ଷାରେ ସୁଧାର ଏବଂ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଉଦ୍ଦେଶ୍ୟରେ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଆଜି ସମାଜର ମୂଳଦୁଆକୁ ଦୃଢ଼ କରିବାରେ ଲାଗିଛି ।

ଆର୍ଥିକ ସଶକ୍ତୀକରଣ ଏବଂ ଉଦ୍ୟମିତା : କୌଶଳ ବିକାଶ ଭଳି ଉପକ୍ରମ ଠାରୁ ନେଇ ଋଣ ଏବଂ ବଜାର ପର୍ଯ୍ୟନ୍ତ ପହଞ୍ଚ ପ୍ରଦାନ କରିବା ଭଳି ଯୋଜନାଗୁଡ଼ିକ ମହିଳାମାନଙ୍କୁ ଉଦ୍ୟୋଗ ଓ ବ୍ୟବସାୟ କ୍ଷେତ୍ରରେ ନେତୃତ୍ୱ ନେବାର ଭୂମିକା ନିର୍ବାହ ନିମନ୍ତେ ସେମାନଙ୍କୁ ସକ୍ଷମ କରିପାରିଛି । ଏହି ପ୍ରୟାସ ଆଧୁନିକ ଶାସନ ଏବଂ ନିଷ୍ପତ୍ତି ଗ୍ରହଣରେ ମହିଳାମାନଙ୍କ ସକ୍ରିୟ ଭାଗୀଦାରୀକୁ ମଧ୍ୟ ସୁନିଶ୍ଚିତ କରିଛି ।

ସୁରକ୍ଷା ଏବଂ ଆଇନଗତ ସଂରକ୍ଷଣ : ୱାନ ଷ୍ଟପ୍ ସେଣ୍ଟର ଏବଂ ଅନ୍ୟାନ୍ୟ ବିଭିନ୍ନ ହେଲ୍ପଲାଇନ ସେବାଗୁଡ଼ିକ ମହିଳାମାନଙ୍କୁ ସୁରକ୍ଷା, ଆତ୍ମନିର୍ଭରଶୀଳତା ଏବଂ ଜନ ଭାଗିଦାରୀ ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହିସବୁ ଉପକ୍ରମ ଏହା ସିଦ୍ଧ କରିଛି ଯେ, ଭୟ କିମ୍ବା ଅସୁରକ୍ଷିତ ବାତାବରଣ କୌଣସି ମହିଳାର ପ୍ରଗତି ଓ ସ୍ୱରକୁ କଦାପି ରୋକି ପାରିବନାହିଁ କିମ୍ବା ଚପାଇ ଦେବାକୁ ସକ୍ଷମ ହେବନାହିଁ ।

ସ୍ୱାସ୍ଥ୍ୟ ଏବଂ ମାତୃ ଯତ୍ନ : ମାତୃ ସ୍ୱାସ୍ଥ୍ୟ ଏବଂ ପୋଷଣ ସହିତ ଜଡ଼ିତ ବିଭିନ୍ନ ଯୋଜନା କେବଳ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ ବରଂ ଏହା ମହିଳାମାନଙ୍କ ସାମଗ୍ରିକ କଲ୍ୟାଣର ପ୍ରତୀକରେ ପରିଣତ ହୋଇଛି । ଏହି ପ୍ରୟାସ ମହିଳାମାନଙ୍କୁ ସୁସ୍ଥ, ଆତ୍ମବିଶ୍ୱାସପୂର୍ଣ୍ଣ ଏବଂ ନେତୃତ୍ୱ ଗ୍ରହଣକାରୀ ଭୂମିକା ନିର୍ବାହ ନିମନ୍ତେ ସଶକ୍ତ ଓ ପ୍ରୋତ୍ସାହିତ କରୁଛି ।

ତୃଣମୂଳ ସ୍ତରରେ ଶାସନ ଏବଂ ପ୍ରତିନିଧିତ୍ୱ : ପଞ୍ଚାୟତିରାଜ ସଂସ୍ଥାମାନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧିର ବ୍ୟବସ୍ଥା ଗଣତାନ୍ତ୍ରିକ ଶାସନକୁ ଅଧିକ ସମାବେଶୀ କରିବାରେ ସହାୟକ ହୋଇଛି । ଏହା ଏହି ରାଜନୈତିକ ଦୂରଦର୍ଶିତାର ଝଲକ ପ୍ରଦର୍ଶନ କରିଥାଏ, ଯାହା ରାଣୀ ଦୁର୍ଗାବତୀ ନିଜର ରାଜ୍ୟ ପରିଚାଳନା କରିବାରେ ପ୍ରଦର୍ଶିତ କରିଥିଲେ ।

ଜୀବନ ଏବଂ ଉପଲବ୍ଧିରେ ପରିଲକ୍ଷିତ ପ୍ରଗତି : ବିଗତ କିଛି ଦଶକ ମଧ୍ୟରେ ଏହି କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ପ୍ରଗତି ଏହାର ସାକ୍ଷୀ ବୋଲି ବିବେଚନା କରାଯାଇପାରେ । ମହିଳା ସାକ୍ଷରତା ଏବଂ କାର୍ଯ୍ୟ ବଳରେ ସେମାନଙ୍କ ଅଂଶଗ୍ରହଣ ବୃଦ୍ଧି, ନିର୍ବାଚିତ ପଦ ପଦବୀରେ ମହିଳାମାନଙ୍କ ବର୍ଦ୍ଧିଷ୍ଣୁ ଉପସ୍ଥିତି, ଉଦ୍ୟମିତା ଦ୍ରୁତ ଗତିରେ ସେମାନଙ୍କର ଅଗ୍ରଗତି, ସଫଳତା ଓ ସୁରକ୍ଷା ଏବଂ ସମାନ ଅବସରମାନଙ୍କ ପ୍ରତି ସମାଜର ବର୍ଦ୍ଧିଷ୍ଣୁ ସଂବେଦନଶୀଳତା ଭାରତକୁ ଏକ ନୂତନ ଦିଶା ପ୍ରଦାନ କରିଛି । ଏଭଳି ପରିବର୍ତ୍ତନ କେବଳ ପରିସଂଖ୍ୟାନ ପୁସ୍ତିକାରେ ସୀମିତ ହୋଇ ରହିନାହିଁ; ଏହା ସେହିସବୁ ସିଦ୍ଧାନ୍ତର ଆଧୁନିକ ଅଭିବ୍ୟକ୍ତି ଯାହା ରାଣୀ ଦୁର୍ଗାବତୀଙ୍କ କର୍ମ ଓ ଜୀବନ ହିଁ ଆମକୁ ଶିକ୍ଷା ଦେଇଥିଲା ଯେ, ଯେତେବେଳେ ମହିଳାମାନେ ପ୍ରତ୍ୟେକ ପରିସ୍ଥିତି ନିମନ୍ତେ ସୁସଜ୍ଜିତ ଏବଂ ସଶକ୍ତ ହୋଇ ପାରିବେ, ସେତେବେଳେ ସମାଜକୁ ଏକ ନୂତନ ଆକାର ପ୍ରଦାନ କରାଯାଇ ପାରିବ ।

ରାଣୀ ଦୁର୍ଗାବତୀଙ୍କ ଐତିହ୍ୟ-ଏକ ମୂଳଦୁଆ : ରାଣୀ ଦୁର୍ଗାବତୀଙ୍କ ଉଦାହରଣ ଏଥିପାଇଁ ବିଶେଷ ଭାବରେ ମହତ୍ତ୍ୱ ବହନ କରେ । ଏହା ତାଙ୍କର ଦୁଇଟି ଭୂମିକା (ସ୍ୱରୂପ)କୁ ଲକ୍ଷ୍ୟ କଲେ ସହଜରେ ଅନୁମାନ କରାଯାଇ ପାରିବ । ତାହା ହେଲା – ନୈତିକ ଏବଂ ବ୍ୟବହାରିକ ଭୂମିକା । ନୈତିକ ସ୍ତରରେ, ସେ ମର୍ଯ୍ୟାଦା, ସାହସ ଏବଂ ଦାୟିତ୍ୱକୁ ମୂର୍ତ୍ତିମନ୍ତ କରନ୍ତି, ଯେତେବେଳେ ବ୍ୟବହାରିକ ସ୍ତରରେ, ତାଙ୍କ ଜୀବନ ମହିଳାମାନଙ୍କୁ ନିଷ୍ପତ୍ତି ଗ୍ରହଣକାରୀ ଏବଂ ଜନ କଲ୍ୟାଣର ରକ୍ଷକ ଭାବରେ ପ୍ରତିଷ୍ଠା କରେ । ଏହିଭଳି ଦ୍ୱିବିଧ ଐତିହ୍ୟ ପିଢ଼ି ପିଢ଼ି ଧରି ଭାରତର ନାଗରିକମାନଙ୍କୁ ଚେନତାର ଅଂଶ ବିଶେଷ ଭାବରେ ରହି ଆସିଛି ଏବଂ ଏହା ହିଁ ମହିଳାମାନଙ୍କୁ ସଶକ୍ତୀକରଣ ନୀତି ଓ ଆଭିମୁଖ୍ୟ (କାର୍ଯ୍ୟକ୍ରମ)କୁ ସମାଜରେ ଦୃଢ଼ ଭାବରେ ସୁପ୍ରତିଷ୍ଠିତ ହେବାରେ ସହାୟକ ହୋଇପାରିଛି ।

'ବିକଶିତ ଭାରତ' ନିମନ୍ତେ ନୂତନ ଦୃଷ୍ଟିକୋଣ : ଦେଶ "ବିକଶିତ ଭାରତ' ଦିଗରେ ଅଗ୍ରସର ହୋଇ ଚାଲିଛି, ଦେଶ ବିକାଶରେ ମହିଳାମାନଙ୍କ ଭାଗିଦାରୀର ମାତ୍ରା ଓ ଶକ୍ତି ସମାନତା ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ସେତିକି ବାସ୍ତବ ବୋଲି ପ୍ରତୀୟମାନ ହୁଏ । ଏକ 'ମହିଳା କୈନ୍ଦ୍ରିକ ବିକଶିତ ଭାରତରେ' ମହିଳାମାନଙ୍କର ପୂର୍ଣ୍ଣ ଅଂଶଗ୍ରହଣକୁ ବିକାଶର ଏକ ଅତିରିକ୍ତ ଉପକରଣ ଭାବରେ ବିବେଚନା କରାଯିବ ନାହିଁ, ବରଂ ବିକାଶର ଏକ ପ୍ରମୁଖ ସୂଚକ ଭାବରେ ବିବେଚନା କରାଯିବ । ବ୍ୟବହାରିକ ଦୃଷ୍ଟିରୁ, ଏହାର ଅର୍ଥ ହେଉଛି ଯେ, ଏକ ଦେଶର ପ୍ରଗତି କେବଳ ପ୍ରମୁଖ କଲ୍ୟାଣ ସୂଚକ ଦ୍ୱାରା ନୁହେଁ, ବରଂ ମହିଳା ନେତୃତ୍ୱ ଏବଂ ବିଭିନ୍ନ କ୍ଷେତ୍ର – ବୋର୍ଡ, ସାର୍ବଜନୀନ ସେବା ଏବଂ ସାମୁଦାୟିକ ଅନୁଷ୍ଠାନରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ମଧ୍ୟ ମପାଯିବା ଆବଶ୍ୟକ ।

ଧ୍ୟାନ ଦିଆଯାଉଛି, ଯାହା ଅବୈତନିକ ଯତ୍ନର ବୋଝକୁ ହ୍ରାସ କରେ – ଯେପରିକି ଶିଶୁ ଯତ୍ନ, ବୃଦ୍ଧ ଯତ୍ନ ଏବଂ ସମ୍ପ୍ରଦାୟ ସହାୟତା – ଯାହା ଦ୍ୱାରା ମହିଳାମାନେ ସାର୍ବଜନୀନ ଏବଂ ଆର୍ଥିକ କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ ପାଇଁ ପର୍ଯ୍ୟାପ୍ତ ସମୟ ଏବଂ ସୁଯୋଗ ପାଇପାରିବେ ।

ଏହିଭଳି ଭାବରେ, ଅତୀତର ସାହସକୁ ଭବିଷ୍ୟତର ସଂମ୍ଭାବନା ସହିତ ଯୋଡ଼ି, ରାଣୀ ଦୁର୍ଗାବତୀଙ୍କ ଜୀବନ କାହାଣୀ କେବଳ ଏକ ଐତିହ୍ୟ ନୁହେଁ ବରଂ ଏହି କଥାକୁ ମଧ୍ୟ ଜୀବନ୍ତ ପ୍ରମାଣ ବୋଲି ସାବ୍ୟସ୍ତ କରେ ଯେ ଭାରତ ଚାହିଁଲେ କ'ଣ ହୋଇପାରିବ । ତାଙ୍କର ସାହସ ଏହି ସନ୍ଦେଶ ଦେଇଥାଏ ଯେ, ମହିଳାମାନେ ସାର୍ବଜନୀନ ଜୀବନ ଏବଂ ଭବିଷ୍ୟତକୁ ଆକାର ପ୍ରଦାନ କରିବାରେ ସମାନ ଭୂମିକା ନିର୍ବାହ କରି ପାରିବେ ଏବଂ ସେଥିପାଇଁ ସେମାନଙ୍କର ସମାନ ଅଧିକାର ମଧ୍ୟ ରହିଛି । ଆଜି ଭାରତର ମନ୍ତ୍ରଣାଳୟଗୁଡ଼ିକ, ସାମାଜିକ ସଂଗଠନମାନେ ଏବଂ ନାଗରିକମାନଙ୍କ ଦାୟିତ୍ୱରେ ଏହି ଅଧିକାରକୁ – ବିଦ୍ୟାଳୟ ଠାରୁ ହସ୍ପିଟାଲ, ଆଇନ ଏବଂ ଜୀବିକା, ସୁରକ୍ଷିତ ସଡ଼କ ଏବଂ ସମାନ ବୋର୍ଡ ମାଧ୍ୟମରେ – ସାଧାରଣ ଜୀବନର ବାସ୍ତବତାରେ ପରିବର୍ତ୍ତିତ କରିପାରିଛି । ଯଦି ବିକଶିତ ଭାରତର ସଫଳତା ଏହିସବୁ ମହିଳାମାନଙ୍କ ଶକ୍ତି ଦ୍ୱାରା ମପାଯାଏ, ତେବେ ରାଣୀ ଦୁର୍ଗାବତୀଙ୍କ ପ୍ରତି ଏହା ହିଁ ହେବ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି । ତାହା ପ୍ରମାଣିତ କରିବ ଯେ, ସେହି ଶକ୍ତି ଦେଶର ପ୍ରତ୍ୟେକ ମହିଳାଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିଛି ।

ପରିଶେଷରେ, ରାଣୀ ଦୁର୍ଗାବତୀଙ୍କର ସବୁଠାରୁ ମହାନ ଐତିହ୍ୟ କୌଣସି ପଥରର ସ୍ମାରକୀ ନୁହେଁ, ବରଂ ଏଭଳି ଏକ ରାଷ୍ଟ୍ର ଗଠନ କାମନା କରେ, ଯେଉଁଠାରେ କୋଟି କୋଟି ମହିଳା ଜୀବନର ପ୍ରତ୍ୟେକ ମଞ୍ଚରେ ନେତୃତ୍ୱ ନିଅନ୍ତି- ତାହା ନିଜର ଘର, ବଜାରଘାଟ, ବିଜ୍ଞାନ ହୋଇଥାଉ ବା ଶାସନ । ସେମାନେ ଏକବିଂଶ ଶତାବ୍ଦୀରେ ସାହସ ଏବଂ ନେତୃତ୍ୱର ପରମ୍ପରାକୁ ଆଗକୁ ବଢ଼ାଇ ପାରିବେ ।





# ଲେଭଲ୍ କ୍ରସିଂରେ ଅସାବଧାନତାପୂର୍ଣ୍ଣ ଗାଡି ଚାଳନା ଟ୍ରେନର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରେ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଲେଭଲ୍ କ୍ରସିଂ (ଏଲ୍ସି) ଗେଟ୍ ଉଲ୍ଲଂଘନ ଏବଂ ସଡକ ଯାନ ଦ୍ୱାରା ଗେଟ୍ ଭାଙ୍ଗିବା ଘଟଣା ବୃଦ୍ଧି ଘଟଣା ସମ୍ବନ୍ଧରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛି, ଯାହା କେବଳ ଜୀବନକୁ ବିପଦରେ ପକାଏନାହିଁ ବରଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଟ୍ରେନ ସେବାରେ ବାଧା ଏବଂ ବିଳମ୍ବ ସୃଷ୍ଟି କରୁଛି । ଅନେକ କ୍ଷେତ୍ରରେ, ଫାଟକ ବନ୍ଦ ହେବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ ସଡକ ବ୍ୟବହାରକାରୀମାନେ ଜୋରଜବରଦସ୍ତି ଏଲ୍ସି ଗେଟ୍ ପାର କରିବାକୁ ଚେଷ୍ଟା କରନ୍ତି, ଯାହା ଫଳରେ ବୁମ୍ ବାରିୟର ଏବଂ ସିଗନାଲ ବିଫଳତା କ୍ଷତି ହୁଏ । ଏହି ଦାୟିତ୍ୱହୀନ ଆଚରଣ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତାକୁ କ୍ଷତି ପହଞ୍ଚାଉଥିବାବେଳେ ଟ୍ରେନ ପରିଚାଳନାରେ ବାଧା ଏବଂ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ ।୨୦୨୪ ମସିହାରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଲେଭଲ୍ କ୍ରସିଂ ଗେଟ୍ ଭାଙ୍ଗିବାର ମୋଟ ୧୧୩ଟି ଘଟଣା ରିପୋର୍ଟ କରାଯାଇଥିଲା ଯାହା ମଧ୍ୟରୁ ୯୨ ଜଣଙ୍କୁ ଗିରଫ କରାଯାଇଥିଲା । ୨୦୨୪ ମସିହାରେ (୮ ଅକ୍ଟୋବର ପର୍ଯ୍ୟନ୍ତ), ୮୮ଟି ଏପରି ଘଟଣା ରିପୋର୍ଟ କରାଯାଇଥିଲା ଏବଂ ୭୨ ଜଣଙ୍କୁ ଗିରଫ କରାଯାଇଥିଲା । ସେହିପରି, ୨୦୨୫ ମସିହାରେ (୮ ଅକ୍ଟୋବର ପର୍ଯ୍ୟନ୍ତ), ୬୪ଟି ଲେଭଲ୍ କ୍ରସିଂ ଗେଟ୍ ଭାଙ୍ଗିବା ଘଟଣା ରେକର୍ଡ କରାଯାଇଛି ଯେଉଁଥିରେ ଏପର୍ଯ୍ୟନ୍ତ ୪୭ ଜଣଙ୍କୁ ଗିରଫ କରାଯାଇଛି । ଚଳିତ ବର୍ଷ (୨୦୨୫)ରେ, ବିଭିନ୍ନ ଅଞ୍ଚଳରେ ଏଲ୍ସି ଗେଟ୍ ଭାଙ୍ଗିବା ଘଟଣା ଭୁବନେଶ୍ୱର ଅଞ୍ଚଳରେ ୧୧ଟି ଘଟଣା, ବ୍ରହ୍ମପୁର ଅଞ୍ଚଳରେ ୮ଟି ଘଟଣା, ପୁରୀ, ଭଦ୍ରକ ଏବଂ ଯାଜପୁର କେଉଁଝର ରୋଡ୍ ଅଞ୍ଚଳରେ ପ୍ରତ୍ୟକ ୭ଟି ଘଟଣା, କଟକ ଅଞ୍ଚଳରେ ୬ଟି ଘଟଣା, ପଲାସା ଏବଂ ଖୋର୍ଦ୍ଧା ରୋଡ୍ ଅଞ୍ଚଳରେ ପ୍ରତ୍ୟକ ୫ଟି ଘଟଣା ରିପୋର୍ଟ କରାଯାଇଅଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ୍ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି । ଖୋର୍ଦ୍ଧା ରୋଡ଼ ରେଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି । ଟ୍ରେନ ଏବଂ ସଡକ ଯାନବାହାନ ଉଭୟର ନିରାପଦ ଏବଂ ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ସମର୍ଥନ ଅତ୍ୟନ୍ତ ଜରୁରୀ । ଗତିଶୀଳ ଟ୍ରେନ ବ୍ରେକ୍ ଲଗାଇବା ପରେ ମଧ ତୁରନ୍ତ ଅଟକି ରହିପାରିନଥାଏ କାରଣ ଏହାର ଗତି ଏବଂ ଲୋଡ୍ ଉପରେ ନିର୍ଭର କରି ଏକ ନିର୍ଦ୍ଦିଷ୍ଟ ଦୂରତା ଅଟକିବା ଆବଶ୍ୟକ ହୋଇଥାଏ। ତେଣୁ, ବନ୍ଦଥିବା କିମ୍ବା ବନ୍ଦ କରାଯାଉଥିବା ଲେଭଲ୍ କ୍ରସିଂ ଗେଟ୍ ଅତିକ୍ରମ କରିବାର ଯେକୌଣସି ପ୍ରୟାସ ବିପର୍ଯ୍ୟୟକୁ ନିମନ୍ତ୍ରଣ କରିଥାଏ। ଏପରି ବେପରୁଆ କାର୍ଯ୍ୟ କେବଳ ଉଲ୍ଲଂଘନକାରୀ ଏବଂ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇନଥାଏ ବରଂ ରେଳ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥାଏ ଯାହାଦ୍ୱାରା ଟ୍ରେନ ଚଳାଚଳରେ ବିଳମ୍ବ କରିଥାଏ ଓ ଯାତ୍ରୀ ଏବଂ ପଣ୍ୟବାହୀ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରିଥାଏ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଜନସାଧାରଣଙ୍କୁ ସୁରକ୍ଷା ବିଷୟରେ ଶିକ୍ଷା ଦେବା ପାଇଁ ସମ୍ବେଦନଶୀଳ ଲେଭଲ୍ କ୍ରସିଂ ଗେଟ୍ ରେ ନିରନ୍ତର ସଚେତନତା ଅଭିଯାନ ଏବଂ ପରାମର୍ଶ କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଆୟୋଜନ କରାଯାଉଛି । ରେଳ ସୁରକ୍ଷା ବଳଏବଂ ସ୍ଥାନୀୟ ପ୍ରଶାସନ ଏହିପରି ଉଲ୍ଲଂଘନକୁ ବନ୍ଦ କରାଇବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମନ୍ୱୟ ସହ କାର୍ଯ୍ୟ କରୁଛନ୍ତି । ପୂର୍ବତଟ ରେଳପଥ ପୁଣି ଥରେ ସମସ୍ତ ନାଗରିକଙ୍କୁ ରେଳ ସୁରକ୍ଷା ନିୟମ ପାଳନ କରିବାକୁ, ଲେଭଲ୍ କ୍ରସିଂରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଏବଂ ନିରାପଦ, ସମୟାନୁବର୍ତ୍ତୀ ଏବଂ ଦକ୍ଷ ଟ୍ରେନ ସେବା ବଜାୟ ରଖିବାରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରୁଛି ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଓ.ପି. ଜିନ୍ଦଲ ସ୍ମାରକୀ ମେଧା ବୃତ୍ତି ପାଇଁ ଆବେଦନ ଆହ୍ୱାନ

ଅନୁଗୁଳ, ନ୍ୟୁଜ ବ୍ୟୁରୋ
ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଜିନ୍ଦଲ ଫାଉଣ୍ଡେସନ ତରଫରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ – ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ନାମରେ ଦୁଇଟି ମେଧା ବୃତ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଛି । ଚଳିତ ବର୍ଷ ୧୦ମ ଶ୍ରେଣୀ ପାସ କରି +୨ ପ୍ରଥମ ବର୍ଷ (ବିଜ୍ଞାନ)ରେ ଅଧ୍ୟୟନ କରୁଥିବା ୭୭ଜଣ ଛାତ୍ର ଛାତ୍ରୀଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ପ୍ରଦାନ କରାଯିବ । ସେହିପରି +୨ (ବିଜ୍ଞାନ) ପାସ କରି ଇଂଜିନିୟରିଂ କିମ୍ବା ମେଡିକାଲ ଏବଂ ଆଇନ ଭଳି ସ୍ନାତକ ପାଠ୍ୟକ୍ରମରେ ଦେଶର ଯେ କୌଣସି ଅନୁଷ୍ଠାନରେ ଅଧ୍ୟୟନରତ ଥିବା ପ୍ରଥମ ବର୍ଷର ୩୧ ଜଣ ଛାତ୍ର ଛାତ୍ରୀଙ୍କୁ ଓ ପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ପ୍ରଦାନ କରାଯିବ। ଏଥି ନିମନ୍ତେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଛାତ୍ର ଛାତ୍ରୀଙ୍କୁ ଯୋଗ୍ୟତା ଆଧାରରେ ସେମାନଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ମେଧାବୃତ୍ତି ପ୍ରଦାନ କରାଯିବ। ଓ.ପି ଜିନ୍ଦଲ ଷ୍ଟାର ମେଧା ବୃତ୍ତି ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥିନୀ ଅନୁଗୁଳ ଜିଲ୍ଲାର ବଅଁରପାଳ କିମ୍ବା ଛେଣ୍ଡିପଦା ବ୍ଲକର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସରକାରୀ / ବେସରକାରୀ ସ୍କୁଲ କିମ୍ବା କଲେଜରେ +୨ (ବିଜ୍ଞାନ) ରେ ନାମ ଲେଖାଇଥିବେ । ଏଥି ନିମନ୍ତେ ଆବେଦନକାରୀ ଅଭିଭାବକ (ପିତା/ମାତା)ଙ୍କର ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉନଥିବା ଆବଶ୍ୟକ । ଆବେଦନକାରୀ ଦଶମ ପରୀକ୍ଷାରେ ୭୫ % ନମ୍ବର ବା ତାଠାରୁ ଅଧିକ ନମ୍ବର ରଖିଥିଲେ ଆବେଦନ କରିପାରିବେ । ସେହିପରି ଓପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ନିମନ୍ତେ ପ୍ରାର୍ଥୀ / ପ୍ରାର୍ଥିନୀ ଅନୁଗୁଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ସହ ସେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା (JEE/NEET/CLAT) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବେ ଏବଂ ଆବେଦନକାରୀ ଅଭିଭାବକ (ପିତା/ମାତା)ଙ୍କର ସମସ୍ତ ସୂତ୍ରରୁ ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ଏବଂ ଆବେଦନକାରୀ ଅନ୍ୟ କୌଣସି ସୂତ୍ରରୁ ବୃତ୍ତି ପାଉନଥିବା ଆବଶ୍ୟକ । ଆବେଦନକାରୀ +୨ ବାର୍ଷିକ ପରୀକ୍ଷାର ୬୫% ବା ତାଠାରୁ ଅଧିକ ନମ୍ବର ରଖିଥିଲେ ଆବେଦନ କରି ପାରିବେ । ଆବେଦନକାରୀ ଗୁଗୁଲ ଫର୍ମ ଲିଙ୍କ ରେ ଆବେଦନ କରିବେ ଏବଂ ଆବେଦନ ଫର୍ମ ପୂରଣ କରି ସବୁ ଦଲିଲର ନକଲ ୭ ନଭେମ୍ବର ୨୦୨୫ ସୁଦ୍ଧା Jindal Nisha CSR ଅଫିସରେ ଦାଖଲ କରିବେ । ଏହି ବୃତ୍ତି ହାସଲ କରିବା କ୍ଷେତ୍ରରେ ଦିବ୍ୟାଙ୍ଗ ପ୍ରାର୍ଥୀ / ପ୍ରାର୍ଥିନୀ ଏବଂ ଅନାଥ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ ବୋଲି ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରକାଶ କରାଯାଇଅଛି ଏବଂ ଏଥି ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ /ପ୍ରାର୍ଥିନୀ ଅଧିକ ବିବରଣୀ ନିମନ୍ତେ ଜିନ୍ଦଲ ସିଏସଆର ବିଭାଗର ଅଧିକାରୀ ଶ୍ରୀ ତାପସ ମହାନ୍ତିଙ୍କୁ ମୋବାଇଲ ନମ୍ବର ୯୭୭୭୪୪୩୮୮୯ ରେ ଯୋଗାଯୋଗ କରି ପାରିବେ ।

# ବଡଗଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗରେ ଭୁବନେଶ୍ୱର ସ୍ଥିତ ବଡଗଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ର ଭୁବନେଶ୍ୱର ମହାନଗର ର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୁଖ ସସ୍ମିତା ମଙ୍ଗରାଜ ଓ ଅନେକ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ର ପ୍ରମୁଖ ମାନେ




ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ଅନେକ ସାଧାରଣ ନାଗରିକ ମଧ ସାମିଲି ହୋଇଥିଲେ । ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହ ରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ । ଏହି କେନ୍ଦ୍ରରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟାର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନ ର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଉପସ୍ଥିତ ଥିବା ସାଧାରଣ ନାଗରିକ ମାନେ ଏହାକୁ ସ୍ୱାଗତ କରିବା ସହିତ ଲୋକମାନଙ୍କ ପାଇଁ ନିଶୁଳ୍କ ସେବା କୁ ପ୍ରସଂଶା କରିଛନ୍ତି। ଏଭଳି ଭୁବନେଶ୍ୱର ରେ ଅନ୍ୟ ସ୍ଥାନ ରେ ମଧ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସଂଗଠନ ର ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି।

# ନାଗେଶ୍ୱରୀ ପାହାଡ ଖଣି ଖନନକୁ ନେଇ କୌଶଳ ପ୍ରଶାସନର ବିରୋଧ

କୋରାପୁଟ, ନ୍ୟୁଜ
ନାଗେଶ୍ୱରୀ ପାଡରୁ ବକ୍ସାଇଟ ଖଣି ଖନନ କୁ ନେଇ ଦିର୍ଘ ଦିନ ହେଲା ବିରୋଧ ଲାଗି ରହିଥିବାବେଳେ, ଖଣି ଖନନ କୁ ଅନେକ ବୁଦ୍ଧିଜିବୀ ନା ପସନ୍ଦ କରିଛନ୍ତି। ତେବେ ଗୁରବାର ଦିନ ଜଂଗଲ କିସମ ପରିବର୍ତନ ସକାଶେ ଏକ ଗ୍ରାମ ସଭାର ଆୟୋଜନ କରା ଯାଇଥିଲା। ଦୁଇଟି ସ୍ଥାନରେ ଏହି ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। ବାଲଡା ଓ ବନୁର ଠାରେ ଏହି ଗ୍ରାମ ସଭା ଏକ ସଂଗେ ଅନୁସ୍ଥିତ ହୋଇଥିଲା। ତେବେ ବାଲଡା ସରପଂଚ, ଖଡାପୁଟର ଜଂଗଲ ଅଧିକାର କମିଟିର ସଭାପତି ଓ ସଂପାଦକ ସମେତ ଅନ୍ୟମାନେ ଲିଖିତ ଅଭିଯୋଗ କରିଛନ୍ତି ଯେ, ନିର୍ଦ୍ଧାରିତ ତାରିଖ ଓ ସମୟର ୨୪ ଘଂଟା ରୁ କମ ସମୟ ମଧ୍ୟରେ ଗ୍ରାମ ସଭା ସୂଚନା ଦେଇଥିବା ଅଭିଯୋଗ କରିଛନ୍ତି। ସେହିପରି ଜଂଗଲ ଅଧିକାର ଆଇନ ୨୦୦୬ ଅନୁସାରେ କଳିଂଗ ଆଲୁମିନା ଲିମିଟେଡପାଇଁ ବକ୍ସାଇଟ ଖଣିଜ ଖନନ ପାଇଁ ଜଂଗଲ ଜମି ପରିବର୍ତନ କରିବା ନିମନ୍ତେ ଆହ୍ୱାନ କରାଯାଇଥିବାବେଳେ ଏହି



ଆଇନ ରେ କିସମ ପରିବର୍ତ୍ତନ ପାଇଁ କୌଣସି ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ସମସ୍ତ ଗ୍ରାମର ଦାବ, ନିର୍ଣ୍ଣୟ, ସ୍ୱିକୃତି ଓ ଅଧିକାର ସାବ୍ୟସ୍ତ ପକ୍ରିୟା ପୁରା ହେବା ପୁର୍ବରୁ ଗ୍ରମ ସଭା ଦ୍ୱାରା ଜଂଗଲ ଜମିର ପରିବର୍ତନ କରିବା ଜଂଗଲ ଅଧିକାର ଆଇନ ୨୦୦୬ ରବିପରିତ ଓ ଅବୈଧ ବୋଲି ଅଭିଯୋଗଗ କରା ଯାଇଛି। ଏପରି କ୍ଷେତ୍ରରେ ଗୋଟିଏ ପଟେ ଗ୍ରାମ ସଭା ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ କିଛି ସପକ୍ଷବାଦୀ ଲୋକଙ୍କୁ ନେଇ ଆୟୋଜନ କରାଯାଇ ସ୍ୱଳ୍ପ ସମୟ ମଧ୍ୟରେ ଶେସ କରାଯାଇଥିବାବେଳେ, ଗ୍ରାମ ସଭାରେ ଯୋଗ ଦେଇ ନ ପାରି ଗ୍ରାମବାସୀମାନେ ଏହାର ଘୋର ବିରୋଧ କରିଛନ୍ତି। ଏପରିକି ଅନେକ ପୁରୁଷ ଓ ମହିଳା ମାନେ ପ୍ଲା କାର୍ଡ ଧରି କମ୍ପାନି ବିରୋଧରେ ସ୍ଲୋଗାନମାନ ଦେବା ସହିତ ବିରୋଧ କରିଥିଲେ। ଏପରିକି ଏହି ଗ୍ରାମସଭା ସୁ ଚନ୍ତିତ ଭାବେ ପ୍ରଶାସନ କରିଥିବା ଅଭିଯୋଗ କରିବା ସହିତ ଯଦି ଆଗାମି ଦିନରେ ଖଣି ଖନନ ପାଇଁ ପଦକ୍ଷେ ନିଆ ଯାଏ ତେବେ ଏହାକୁ ଘୋର ବିରୋଧ କରାଯିବ ଏବଂ କଦାପି ଖଣି ଖନନ କରିବାକୁ ଦେବୁ ନାହିଁ ବୋଲି କିଛି ମହିଳା ସମେତ ନାଗେସ୍ୱରୀ ପାହାଡ ସୁରକ୍ଷା ମଂଚ ର ସଂପାଦକ କହିଛନ୍ତି। ଏପରିକି ଗ୍ରାମ ସଭା ସଂପର୍କରେ ନନ୍ଦପୁର ବ୍ଲକ ଅଧକ୍ଷା ଙ୍କ ନିକଟରେ କୌଣସି ସୂଚନା ନ ଥିବା ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ପ୍ରଶାସନ କୌଶଳ ଅବଲମ୍ବନ କରୁଥିବାବେଳେ, ଅନ୍ୟପଟେ ସ୍ଥାନିୟ ବାସିନ୍ଦା ଙ୍କ ମଧ୍ୟରୁ ବିପକ୍ଷବାଦୀ ମାନେ ଘୋର ବିରୋଧ କରୁଚନ୍ତି। ଏପରି ହେଲେ ଆଗାମି ଦିନରେ ମାଳି ପର୍ବତ ଭଳି ଘଟଣା ଘଟିବ ନାହି ତ??

# ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନ ୫.୦ : ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ 'ଅମୃତ ସମ୍ବାଦ' ଆୟୋଜନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ଚଳିତ ସ୍ୱତନ୍ତ୍ର ଅଭିଯାନ ୫.୦ ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୮ ଅକ୍ଟୋବର ୨୦୨୫ ସନ୍ଧ୍ୟାରେ ପୁରୀ ରେଳ ଷ୍ଟେସନରେ 'ଅମୃତ ସମ୍ବାଦ' ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ରେଳ ଅଧିକାରୀ ଏବଂ ଯାତ୍ରୀଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ପାରସ୍ପରିକ କ୍ରିୟାକୁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନତା, ନିରାପତ୍ତା ଏବଂ ଯାତ୍ରୀ ସୁବିଧାର ଉନ୍ନତି ଉପରେ ଧ୍ୟାନ କେନ୍ଦ୍ରିତ କରିବା। ଅମୃତ ସମ୍ବାଦ ସମୟରେ, ଯାତ୍ରୀମାନେ ଷ୍ଟେସନର ପରିଷ୍କାର ପରିଚ୍ଛନ୍ନତା ଏବଂ ସାମଗ୍ରିକ ରକ୍ଷଣାବେକ୍ଷଣକୁ ପ୍ରଶଂସା କରିଥିବାବେଳେ ଲୋକାଲ ଟ୍ରେନରେ ଶୌଚାଳୟର ନିୟମିତ ସଫା କରିବା ଏବଂ ଉତ୍ତମ ସୁଗମତା ପାଇଁ ସମସ୍ତ ପ୍ଲାଟଫର୍ମରେ ରାମ୍ପ ସଂଯୋଗ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନେକ ଯାତ୍ରୀ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ପାର୍କିଂ, ସୂଚନା ବୁଥ୍ ଏବଂ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ଭଳି ସୁବିଧା ପ୍ରଦାନ କରିବାକୁ ମଧ ପ୍ରସ୍ତାବ ଦେଇଥିଲେ । ରେଳ ଅଧିକାରୀମାନେ ଆଶ୍ୱାସନା ଦେଇଥିଲେ ଯେ ଯାତ୍ରୀମାନଙ୍କଠାରୁ ପ୍ରାପ୍ତ ସମସ୍ତ ଗଠନମୂଳକ ପରାମର୍ଶକୁ ପ୍ରାଥମିକତା ଦିଆଯିବ । ରେଳବାଇ ଆଧୁନିକ ସୁବିଧା ଏବଂ ଯାତ୍ରୀ-କୈନ୍ଦ୍ରିକ ସେବା ସହିତ ରୂପାନ୍ତରିତ ହେଉଛି । ପୁରୀ ରେଳ ଷ୍ଟେସନରେ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଅମୃତ ସମ୍ବାଦ ଅଧୀନରେ ଯାତ୍ରୀମାନଙ୍କଠାରୁ ପରିଷ୍କାର ପରିଚ୍ଛନ୍ନତା, ଆରାମ ଏବଂ ନୂତନ ସୁବିଧା ସମ୍ପର୍କରେ ମତାମତ ସଂଗ୍ରହ କରାଯାଇଥିଲା ଓ ଯାତ୍ରୀମାନେ ଉତ୍ସାହର ସହିତ ଉନ୍ନତ ଯାତ୍ରା ଅଭିଜ୍ଞତା ଏବଂ ଆଗାମୀ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କର ମତାମତ ବଖାଣିଥିଲେ। ସ୍ୱତନ୍ତ୍ର ଅଭିଯାନ ୫.୦ ର ଅଂଶ ଭାବରେ, ଅମୃତ ସମ୍ବାଦ ପଦକ୍ଷେପ ଅଧୀନରେ ଯାତ୍ରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା ଯେଉଁଠାରେ ଯାତ୍ରୀମାନେ ବର୍ଦ୍ଧିତ ସୁବିଧା ଏବଂ ଭାରତୀୟ ରେଳର ଚାଲୁରହିଥିବା ପରିବର୍ତ୍ତନ ସମ୍ପର୍କରେ ସେମାନଙ୍କର ମତାମତ ଏବଂ ଆଶା ଓ ଆକାଂକ୍ଷା ବାଣ୍ଟିଥିଲେ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ମଧ ଏପରି ଅମୃତ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଶାଖା ଅଧିକାରୀମାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଷ୍ଟେସନ ପରିବେଶ ଏବଂ ସେବାକୁ ଉନ୍ନତ କରିବା ପାଇଁ ମତାମତ ଏବଂ ପରାମର୍ଶ ସଂଗ୍ରହ କରିବା ପାଇଁ ଯାତ୍ରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱତନ୍ତ୍ର ଅଭିଯାନ ୫.୦ ଅନ୍ତର୍ଗତ ଏହି ପଦକ୍ଷେପ ନିରନ୍ତର ସ୍ୱଚ୍ଛତା ଏବଂ ଲୋକାଭିମୁଖୀ ପଦକ୍ଷେପ ମାଧ୍ୟମରେ ରେଳ ପରିଚାଳନାରେ ଜନଭାଗୀଦାରୀ, ସ୍ୱଚ୍ଛତା ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

**TENDER CALL NOTICE.** E-429

Sealed tenders are invited from the reputed publishers /suppliers for supply of Medical Books (For the Department of Psychiatry, Clinical Psychology, Psychiatric Social Work & Psychiatric Nursing) quoting the discount on publisher's price on latest editions of books, which are to be purchased for the Library of Mental Health Institute, SCB Medical College Hospital, Cuttack-753007 within **13/10/2025 to 04/11/2025** and will be opened on **07/11/2025 at 4.30 P.M..** The authority reserves the right to cancel or reject any or all the tenders without assigning any reasons thereof. The details of tender papers along with terms and conditions can be obtained https://mentalhealthinstitute-scb.odisha.gov.in. The tenderers/their authorized Representatives should be present at the time of opening of tender. The tender paper should be reached in the office of the undersigned through Speed Post/Regd. Post only.

1. Date of sale of tender paper : **13/10/2025 to 04/11/2025.**
2. Last date for receipt of tender paper : **06/ 11/ 2025.**
3. Date of opening of tender : **07/11/2025 at 4.30 P.M..**
4. Place of opening of tender -Office of the Director-cum-Medical Superintendent, Mental Health Institute, S.C.B, Medical College Hospital, Cuttack-753007(in case the due date is declared as holiday the tender can be opened on next working day)

Sd/- Director-cum-Medical Superintendent
Mental Health Institute,
OIPR-10051/11/0025/2526 S.C.B, Medical College Hospital, Cuttack

E-mail: eeroads.khr@rediffmail.com
OFFICE OF THE SUPERINTENDING ENGINEER B-589
KHARIAR (R&B) DIVISION, KHARIAR, DIST. NUAPADA, ODISHA.
No.5530 Date .08/10/2025
TENDER CANCELLED.

The Tender Call Notice bearing E-Procurement Notice-14, Bid Identification No.SER&BKHR-14/2025-26 vide letter no.5171 dated 22.09.2025 is hereby cancelled due to administrative reasons/issues.

Superintending Engineer
Khariar (R&B) Division
OIPR-34062/11/0045/2526

PANCHAYAT SAMITI OFFICE JHARSUGUDA i-327
Tender Call Notice
NO-3604 Date-06/10/25

The Block Development Officer, Jharsuguda invites sealed tenders on percentage rate basis for 02 (two) No of projects. The sale of bid documents will be available in website of Jharsuguda https://jharsuguda.odisha.gov.in from dt.O9.10.2025 to dt.23.10.2025 and receipt of the bid documents starts from dt.09.10.2025 to dt.23.10.2025 up to 5.30PM on all working days in the office of the Panchayat Samiti, Jharsuguda. The bid will be opened on dt-24.10.2025 at 11.00AM. Intending dass"B", "C" and "D" Class contractors may visit website of Jharsuguda https://jharsuguda.odisha.gov.in for details information.

OIPR-19363/11/0007/2526
Block Development Officer
Jharsuguda

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-OUT-SOURCING-KUR-502, ତା.06.10.2025ରିଖ
କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଜନଶକ୍ତିର ଆଉଟ୍‌ସୋର୍ସିଙ୍ଗ୍।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 19,49,99,474.07, EMD (ଟଙ୍କାରେ) : 11,25,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।
ବିଡ୍ ଆରମ୍ଭ ହେବା ତାରିଖ : ତା.17.10.2025 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.10.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ଼
PR-668/Q/25-26

Email: rd_bgh@yahoo.co.in
Gmail: rwd.bgh@gmail.com
OFFICE OF THE EXECUTIVE ENGINEER
RURAL WORKS DIVISION, BARGARH O-829
e-Procurement Notice No. ONLINE-BGH- 08 OF 2025-26

| | | | | |
|---|---|---|---|---|
| 1 | | Name of the Work | : | Building work during 2025-26 in the district of Bargarh. |
| 2 | | EMD | : | @ 1% of the estimated cost put to tender |
| 3 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-08 OF 2025-26 | 13.10.2025 at 11.00 A.M. | 24.10.2025 upto 5.00 P.M. | 24.10.2025 upto 4.00 PM | 27.10.2025 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25062/11/0034/2526
Executive Engineer
R.W. Division, Bargarh

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗଣମାଧ୍ୟମରେ ମନଇଚ୍ଛା...

ଦେଇଥିଲେ । ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍ ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି ।

ଚଳିତ ଉପନିର୍ବାଚନରେ ୧,୨୪,୧୦୮ ଜଣ ପୁରୁଷ ଭୋଟର ରହିଥିବାବେଳେ ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କ ସହ ମୋଟ ୨,୫୩,୬୨୪ ଜଣ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକାରେ ୯,୪୨୯ ଜଣ ଯୁବ ଭୋଟର ରହିଥିବାବେଳେ ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ) ରହିଛନ୍ତି । ଚଳିତ ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି ।

ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍ ମିଡ଼ିଆ ସମେତ ସିନେମାହଲ୍, ରେଡ଼ିଓ, ପୋଷ୍ଟର ଓ ହୋଡ଼ିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ନେବା ଜରୁରୀ। ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି । ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ ବୈଠକରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ ଓ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁଅଁର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୧ରେ...

ଦେଶର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ । ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଇଛି। ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି ।

ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସାକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହାଇକୋର୍ଟରେ ...

ଏହି ମାମଲାରେ ଆନ୍ତଃରାଜ୍ୟ ର୍ୟାକେଟର ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ତେଣୁ ସିବିଆଇ ତଦନ୍ତ ଦ୍ୱାରା ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆବେଦନକାରୀ ପିଟିସନରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୧୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୫ ଜଣ ଦଲାଲ ରହିଛନ୍ତି। ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ପରୀକ୍ଷା ପରିଚାଳନା ସଂସ୍ଥା ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟି ଫେରାର ରହିଥିବାବେଳେ ତାଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ତନାଘନା ଜାରି ରଖିଛି।

## କଟକରେ ଜନଜୀବନ ...

ଗିରଫ ହୋଇଛନ୍ତି। ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇ ଦିଆଯାଇଛି। ସଦ୍‌ଭାବନା ଓ ଶାନ୍ତି ଭଙ୍ଗ କରିଥିବା ଲୋକଙ୍କୁ ଦମନ କରାଯିବ। ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ାକାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, କଟକ ସହରରେ ଗତ କିଛି ଦିନ ପୂର୍ବରୁ ୨ଟି ଗୋଷ୍ଠୀ ମଧ୍ୟରେ ହିଂସା ଦେଖାଯାଇଥିଲା। ଏହି ଘଟଣା ସମୟ କ୍ରମେ ବଢ଼ି ଚାଲିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ପୁଲିସ ମୁତୟନ କରାଯାଇଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ପୁଲିସ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମୋଟ ୨୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮ଜଣଙ୍କର ଅବସ୍ଥା ଗୁରୁତର ଥିଲା। ପରିସ୍ଥିତିର ମୁକାବିଲା କରିବା ପାଇଁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା।

## ୧୯ ଓପିଏସ୍ ...

ଅଶ୍ୱିନୀ କୁମାର ନାୟକଙ୍କୁ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଭାବରେ ବଦଳି କରାଯାଇଛି। ଏହା ବ୍ୟତୀତ କନ୍ଧମାଳର ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି ଭାବରେ ବଦଳି କରାଯାଇଛି।

